ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା


8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୫ ● ୧ ମାର୍ଚ୍ଚ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-35 ● 1st March 2024, Friday ● Bhubaneswar

Licensed to post without pre-payment of postage No- BN-60/22-24




## ଅବସର ନେଲେ ଦିଗ୍‌ଗଜ ଅମ୍ପାୟାର ମରାଇସ୍ ଇରାସ୍ମସ୍



ବିସିସିଆଇର ସ୍ପେଶାଲ୍ କଣ୍ଟ୍ରାକ୍ଟରେ ସ୍ଥାନ ପାଇଲେ ୫ ଯୁବ ପେସର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008


୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୫ ● ୧ ମାର୍ଚ୍ଚ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-35 ● 1st March 2024, Friday ● Bhubaneswar

Licensed to post without pre-payment of postage No- BN-60/22-24










# ସ୍ୱାସ୍ଥ୍ୟ ବିଭାଗର ୬ ପ୍ରସ୍ତାବ ସମେତ ୮ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ



**ଭୁବନେଶ୍ୱର, ୨୯।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ କ୍ୟାବିନେଟର ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ୬ଟି ପ୍ରସ୍ତାବ ସମେତ ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ଏଥିରେ ସାମିଲ ରହିଛି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ମୋଟ ୮ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ସେଥିରେ ସ୍ୱାସ୍ଥ୍ୟ ବିଭାଗର ୬ଟି ଅନ୍ୟ ୨ଟି ମହିଳା ଓ ଶିଶୁବିକାଶ ବିଭାଗ ଏବଂ ଜଳସମ୍ପଦ ବିଭାଗର ରହିଥିଲା । ଏଥିରେ ଅଧିକାଂଶ ପ୍ରସ୍ତାବ କ୍ୟାଡ଼ର ସଂଶୋଧନ ଓ ସେବା ସର୍ତ୍ତାବଳୀ ସଂକ୍ରାନ୍ତୀୟ ରହିଥିଲା । ଦୀର୍ଘଦିନ ଧରି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟରତ ୫୦୪ଜଣ ଚୁକ୍ତିଭିତ୍ତିକ ସୁପରଭାଇଜରଙ୍କ ଚାକିରିକୁ ନିୟମିତକରଣ କରିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛନ୍ତି । ସେମାନଙ୍କ ଚାକିରି ନିୟମିତ ହେବା ଦ୍ୱାରା ରାଜ୍ୟରେ ଅତ୍ୟାବଶ୍ୟକ ସେବାଗୁଡ଼ିକର ନିରନ୍ତର ବିତରଣ ଓ ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ) କାର୍ଯ୍ୟକ୍ରମ ଅଧୀନରେ ଥିବା ସମାଜର ଅସୁରକ୍ଷିତ ଶିଶୁ ଓ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ । ଏହି ଚୁକ୍ତିଭିତ୍ତିକ ସୁପରଭାଇଜର ସଂଘ ଜରିଆରେ ମିଳିଥିବା ଦାବିପତ୍ର ଓ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିଙ୍କୁ ଦେଇଥିବା ଆବେଦନକୁ ଦୃଷ୍ଟିରେ ରଖି ସେମାନଙ୍କ ଚାକିରିକୁ ନିୟମିତ କରିବା ପାଇଁ ବିଚାର ହୋଇଛି । ଏଥିପାଇଁ ରାଜ୍ୟ ସରକାରଙ୍କୁ ୧୮.୫୧ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ । ଚାକିରି ନିୟମିତ ହେବା ଫଳରେ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଶିକ୍ଷିତ ମହିଳାମାନେ ନିଷ୍ଠାର ସହ ସୁପରଭାଇଜର ଭାବେ କାର୍ଯ୍ୟ କରିବା ପାଇଁ ଅନୁପ୍ରାଣୀତ ହେବେ ।

ସେହିପରି ଓଡ଼ିଶା ନର୍ସିଂ ସେବା କ୍ୟାଡ଼ରର ପୁନର୍ଗଠନ *(ଭିତର ପୃଷ୍ଠାରେ)*

## ସହର ବିକାଶରେ ନୂଆ ମାଇଲଷ୍ଟୋନ

# ବିଭିନ୍ନ ସହରରେ ବିକାଶମୂଳକ ପ୍ରକଳ୍ପ ଲୋକାର୍ପିତ



**ଭୁବନେଶ୍ୱର, ୨୯।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସହର ବିକାଶ ଇତିହାସରେ ଆଜି ଏକ ନୂଆ ମାଇଲଷ୍ଟୋନ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୫–ଟି ଉପକ୍ରମରେ ସହରବାସୀଙ୍କ ନିମନ୍ତେ ଅନେକ ସୁବିଧା ଯଥା ପିଇବା ପାଣି ସୁବିଧା, ଡ୍ରିଙ୍କ ଫ୍ରମ ଟ୍ୟାପ୍, ପାଭେଡ ରୋଡ , ସ୍ୱିରେଜ୍ ସିଷ୍ଟମ ଓ ଅନେକ ନାଗରିକ ସେବା ସହିତ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଓ ବିଜୁ ଆଦର୍ଶ କଲୋନୀ ଲୋକାର୍ପଣ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହର ହେଉଛି ଗୋଟିଏ ରାଜ୍ୟର ବିକାଶର ଦର୍ପଣ । ସମୃଦ୍ଧ ସହର ରାଜ୍ୟର ସମୃଦ୍ଧି ବିଷୟରେ ସୂଚନା ଦେଇଥାଏ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫–ଟି ଉପକ୍ରମରେ ହେଉଥିବା ଏହି ସବୁ ବିକାଶ କାର୍ଯ୍ୟକ୍ରମ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସବୁ ପ୍ରକଳ୍ପ ଆମର ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ୪ଟି ସହର ଯଥା କଟକ, ସମ୍ବଲପୁର, ବ୍ରହ୍ମପୁର *(ଭିତର ପୃଷ୍ଠାରେ)*

# ଦେଶକୁ ଆଗେଇ ନେବାରେ ଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ଭୁବନେଶ୍ୱର, ୨୯।୨**
**ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟ ଦେଶର ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହି ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ସଂଖ୍ୟା ଅଧିକ ଥିବା ଜାଣି ଖୁସି ଲାଗୁଛି । ଛାତ୍ରୀମାନେ ପୂର୍ବରୁ ପଛରେ ଥିଲେ, ଏବେ ସେମାନେ ଆଗକୁ ବଢୁଛନ୍ତି । ଦେଶକୁ ଆଗେଇ ନେବାରେ ଅର୍ଥାତ ଆର୍ଥିକ, ସାମାଜିକ ଅଗ୍ରଗତି କ୍ଷେତ୍ରରେ ଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ



ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

ଗୁରୁବାର ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦୀକ୍ଷାନ୍ତ *(ଭିତର ପୃଷ୍ଠାରେ)*






# ଅଙ୍ଗନବାଡି କେନ୍ଦ୍ର ଓ ମିନି ଅଙ୍ଗନବାଡି କେନ୍ଦ୍ରର କର୍ମୀଙ୍କ ପାରିଶ୍ରମିକରେ ବୃଦ୍ଧି

**ଭୁବନେଶ୍ୱର, ୨୯।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ରାଜ୍ୟର ଅଙ୍ଗନୱାଡି କର୍ମୀ ମାନଙ୍କର ମାସିକ ପାରିଶ୍ରମିକରେ ବୃଦ୍ଧି ଘୋଷଣା କରିଛନ୍ତି । ଏହା ସହିତ ଅଙ୍ଗନବାଡି କର୍ମୀଙ୍କର ସେବା ବିରତି ପ୍ରୋତ୍ସାହନ ରାଶିରେ ବୃଦ୍ଧି ସହିତ ସାମାଜିକ ସୁରକ୍ଷା ଭାବରେ ସେମାନଙ୍କୁ ଅନୁକମ୍ପା ସହାୟତା ମିଳବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହାଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ଅଙ୍ଗନବାଡି ସହାୟିକା ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ । ସୂଚନାଯୋଗ୍ୟ ଯେ ୫–ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାଗସ୍ତ *(ଭିତର ପୃଷ୍ଠାରେ)*

## ଏକାଳ ସକାଳ




ଯୋଜନା ଉପରେ ଯୋଜନା
ବିରୋଧୀ ଯେ ଝାଳନାଳ
ତା ଉପରେ ପୁଣି ଦରମା ବଢିବା
ହେଲାଣି ସାକ୍ଷାତ କାଳ
ଏକଥାକୁ ନାହିଁ ବେଳ
ଅଙ୍ଗନୱାଡି ଦିଦି ଖୁସିପୁରା
ଭାଗ୍ୟ ଦେଇଛି ମାଉଁସ ଝୋଳ ।

# ରତ୍ନ ଭଣ୍ଡାର ଅଳଙ୍କାର ତଦାରଖ ପାଇଁ କମିଟି ଗଠନ : ଜଷ୍ଟିସ ଅରିଜିତ ପଶାୟତ ଅଧ୍ୟକ୍ଷ



**ଭୁବନେଶ୍ୱର, ୨୯।୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟଙ୍କ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟି ରତ୍ନ ଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଏବଂ ବିଭିନ୍ନ ମୂଲ୍ୟବାନ ବସ୍ତୁର ତାଲିକା ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିବେ । ଏହି କମିଟିରେ ଅଧ୍ୟକ୍ଷଙ୍କ ସହିତ ୧୨ ଜଣ ସଦସ୍ୟ ଅଛନ୍ତି ।

ଏହି କମିଟିରେ ଥିବା ଅନ୍ୟ ସଦସ୍ୟମାନେ ହେଲେ– ପ୍ରସିଦ୍ଧ ହୃଦରୋଗ ବିଶେଷଜ୍ଞ ଡ. ରମାକାନ୍ତ ପଣ୍ଡା, ଉପାଧ୍ୟ. ଡ. ବିଧୁଭୁଷଣ ସାମଲ, ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି, ଏ.କେ. ସାବତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ପୁରୀ ଗଜପତି ମହାରାଜା ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଦିବ୍ୟସିଂହ ଦେବଙ୍କ ପ୍ରତିନିଧି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧି ଦୁର୍ଗାପ୍ରସାଦ ଦାସ ମହାପାତ୍ର, ସେବକ ପ୍ରତିନିଧି ମାଧବ ଚନ୍ଦ୍ର ମହାପାତ୍ର, ସେବକ ପ୍ରତିନିଧି ଜଗନ୍ନାଥ କର , ସେବକ ପ୍ରତିନିଧି ଗଣେଶ ମେକାପ, ଭଣ୍ଡାର ମେକାପ ସେବକ ଏବଂ ପୁରୀ *(ଭିତର ପୃଷ୍ଠାରେ)*

# ଆଶାଠାରୁ ଅଧିକ ବେଗରେ ଦୌଡୁଛି ଦେଶର ଅର୍ଥବ୍ୟବସ୍ଥା

**ନୂଆଦିଲ୍ଲୀ, ୨୯।୨**

ଭାରତର ଅର୍ଥନୀତି ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି । କେନ୍ଦ୍ର ସରକାର ଗୁରୁବାର (ଫେବ୍ରୁଆରୀ ୨୯)ରେ ଡାଟା ଜାରି କରି କହିଛନ୍ତି ଯେ ଅକ୍ଟୋବର–ଡିସେମ୍ବର ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ହାର ୮.୪ ପ୍ରତିଶତ ରହିଛି, ଯାହା ପ୍ରମାଣିତ କରୁଛି ଯେ ଭାରତୀୟ ଅର୍ଥବ୍ୟବସ୍ଥା ରକେଟ ବେଗରେ ଆଗକୁ ବଢୁଛି । ଉଲ୍ଲେଖଯୋଗ୍ୟ ଯେ ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ତ୍ରୈମାସରେ ଭାରତ ୭.୬ ପ୍ରତିଶତ ହାରରେ ଅଭିବୃଦ୍ଧି ରେକର୍ଡ କରିଥିଲା ।



୨୦୨୩–୨୪ ସମୟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୬ ପ୍ରତିଶତ ରହିବା ନେଇ ଅନୁମାନ କରାଯାଉଛି । ୨୦୨୨–୨୩ରେ ଦେଶର ଜିଡିପି ୭.୦ ପ୍ରତିଶତ ଥିଲା । ୨୦୨୩–୨୪ରେ ରିୟଲ ଜିଡିପି ୧୭୨.୯୦ ଲକ୍ଷ କୋଟି ସ୍ତର ପାର କରିବା ନେଇ ଅନୁମାନ କରାଯାଇଛି । ଅନ୍ୟପଟେ ୨୦୨୨–୨୩ ପାଇଁ *(ଭିତର ପୃଷ୍ଠାରେ)*

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଡିଜିଟାଲିକରଣ ହେବ କେଓ୍ୱାଇସି ପ୍ରକ୍ରିୟା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆର୍ଥିକ ସ୍ଥିରତା ଏବଂ ବିକାଶ ପରିଷଦର ୨୮ତମ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଘରୋଇ ଏବଂ ବିଶ୍ୱର ଅର୍ଥନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅର୍ଥନୈତିକ ସ୍ଥିରତା ଏବଂ ଏହାର ମୁକାବିଲା ପାଇଁ ଭାରତର ପ୍ରସ୍ତୁତି ବିଷୟରେ ସମୀକ୍ଷା କରାଯାଇଥିଲା।

ଏହି ବୈଠକରେ କେନ୍ଦ୍ର ବଜେଟରେ କରାଯାଇଥିବା ଘୋଷଣାଗୁଡ଼ିକର କାର୍ଯ୍ୟକାରିତା ଏବଂ ଏଫ୍‌ଏସଡିସିର ପୂର୍ବ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ରଣନୀତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୟୁନିଫର୍ମ କେଓ୍ୱାଇସି (ୟୁନିଫର୍ମ କେଓ୍ୱାଇସି ନିୟମ ନିର୍ଦ୍ଧାରଣ) ମାନଦଣ୍ଡ ସ୍ଥିର କରିବା ସହିତ ସମଗ୍ର ଆର୍ଥିକ କ୍ଷେତ୍ରରେ କେଓ୍ୱାଇସି ରେକର୍ଡର ଆନ୍ତଃ ବ୍ୟବହାରଯୋଗ୍ୟତା ଏବଂ କେଓ୍ୱାଇସି ପ୍ରକ୍ରିୟାର ସରଳୀକରଣ ଏବଂ ଡିଜିଟାଇଜେସନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାମାଜିକ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ସାମାଜିକ ଉଦ୍ୟୋଗଗୁଡିକ ଦ୍ୱାରା ପାଣ୍ଠି ସଂଗ୍ରହ ଆରମ୍ଭ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଅନ୍‌ଲାଇନ୍ ଆପ୍ ଜରିଆରେ ଦିଆଯାଉଥିବା ବେଆଇନ ଋଣ କ୍ଷତିକୁ ରୋକିବା ସହ ଏହାକୁ ରୋକିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ଏଫ୍‌ଏସଡିସିର ସଦସ୍ୟମାନେ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ଆର୍ଥିକ ସ୍ଥିରତା ପଥରେ ଉପୁଜିଥିବା ବିପଦକୁ ଚିହ୍ନଟ କରି ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ସ୍ଥିର ହୋଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର
(୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୭



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଯାହାକି ଦଶରଥ ସବୁ ଜାଣୁଥିଲେ ବି, କୌଣସି ପ୍ରତିକାର କରିପାରିଲେନି। ବାରମ୍ବାର ମୋ ସହିତ ସମ୍ଭୋଗ କ୍ରିୟାରେ ଦୟନୀୟ ଭାବେ ପରାଜିତ ଓ ଗୋଟାଏ ହୀନବୀର୍ଯ୍ୟ ଲମ୍ପଟ ପୁରୁଷ ଭଳି ସଦା ମ୍ରିୟମାଣ। କପାଳରେ କରମାରି ଭାଗ୍ୟକୁ ନିନ୍ଦାକରିବା ବ୍ୟତୀତ ମୋ ନିକଟରେ ଆଉ କିଛି ବିକଳ୍ପ ନଥିଲା। ବାରମ୍ବାର ଅଶ୍ରୁପାତ କରି କରି ସବୁ ଭୁଲିଗଲି। ଯେତେବେଳେ ମୋ ଗର୍ଭରୁ ଭରତ ଜନ୍ମ ନେଲା, ସେବେଠାରୁ ଅନେକ ଜନ୍ତ୍ରଣାରୁ ଆଂଶିକ ମୁକ୍ତିମିଳିଲା। ତେବେ ଏତକ ମଧ୍ୟ ମୋ କପାଳରେ ମିଳିନଥାନ୍ତା, ଯଦି ଋଷ୍ୟଶୃଙ୍ଗଙ୍କୁ ନିମନ୍ତ୍ରଣ କରି ଦଶରଥ ଅଯୋଧ୍ୟାରେ ପୁତ୍ରେଷ୍ଟି ଯଜ୍ଞ କରିନଥାନ୍ତେ। ମୁଁ ସବୁଠାରୁ ଖୁସିହେଲି ଜେଷ୍ଠ ଭଗିନୀ କୌଶଲ୍ୟାଙ୍କ ପୁତ୍ର ରାମର ମୁଖକୁ ଦର୍ଶନ କରି। ମୁଁ ଭାବିନେଲି ରାମ କୌଶଲ୍ୟାଙ୍କ ପୁତ୍ର ନୁହେଁ। ସେ ହେଉଛି ମୋର ପୁତ୍ର। ସଦାବେଳେ ରାମ ହିଁ ମୋର ଭରସା। ରାମହିଁ ମୋର ଏକମାତ୍ର ଆସ୍ଥା। ରାମ ହିଁ ମୋ ଜ୍ୱଳନ୍ତ ହୃଦୟର ଏକମାତ୍ର ଶାନ୍ତ, ଶୀତଳ ପବିତ୍ର ଜଳ। ରାମ ଯେତିକି କୌଶଲ୍ୟାଙ୍କୁ ଭଲ ପାଏନି, ମା ମାନଙ୍କ ମଧ୍ୟରେ ସବୁଠାରୁ ମୋତେ ଭଲ ପାଇବସିଲା। ଜୀବନର ସବୁ ଯନ୍ତ୍ରଣା, ସବୁ ବିଦ୍ରୋହ, ସବୁ ହତାଶା ବୋଧକୁ ଭୁଲିଗଲି ମୁଁ କେବଳ ମୋ ଗେହ୍ଲା ପୁଅ ରାମର ମୁହଁକୁ ଦେଖି। ଶୟନେ, ସ୍ୱପନେ, ଜାଗରଣ ସଦାବେଳେ ମୋ ରାମ। ଜୀବନରେ ମୁଁ କିଛି ପାଇନି, ଯୌବନ ଚାଲିଗଲା, ସବୁ ଅଭିମାନ ମୋର ଶେଷ ହୋଇ ଯାଇଥିଲା, ଜଣେ ସ୍ତ୍ରୀ ସାଧାରଣତଃ ଭାବେ ସ୍ୱାମୀଙ୍କୁ ନେଇ ଏ ଜଗତରେ ସୁଖୀ ହୁଅନ୍ତି, ତାହାତ ମୋ କପାଳରେ ବିଧାତା ଲେଖିନଥିଲା। ତେଣୁ ଦୈବର ବିଧାନକୁ ସ୍ୱୀକାର କରି ନେଇଥିଲି। ଭାବିନେଇଥିଲି ତାହାହିଁ ମୋର ଭାଗ୍ୟରେଖା। କେବଳ ରାମ ହିଁ ମୋର ସବୁକିଛି ଭାବି ସବୁ ଭୁଲିଗଲି। ଶୁଆ, ଶାରୀଙ୍କର ଏ ଭଳି ଭବିଷ୍ୟବାଣୀ ଶୁଣି ଭାବିଲି ମୋ ରାମର କପାଳରେ ଯଦି ଏପରି ଘଟିଯିବ, ତେବେ ମୁଁ ଆଉ କାହାମୁହଁକୁ ଚାହିଁ ବଞ୍ଚି ରହିବି। କୋଟି କୋଟି ଚନ୍ଦ୍ରଙ୍କ ଆଲୋକର ଶୀତଳତାକୁ ନିନ୍ଦା କରି ଯାହାର ମୁଖମଣ୍ଡଳ ଅମୃତମୟ ଆଲୋକରେ ଆଲୋକିତ, ଶାନ୍ତ, ଶୀତଳ, ଯାହାର ବୁଦ୍ଧି, ବିବେକ, ଶୌର୍ଯ୍ୟ ବୀର୍ଯ୍ୟ, ପରାକ୍ରମ, ଧାର୍ମିକତା ବିଶ୍ୱନିୟନ୍ତାଙ୍କ ଭଳି ସର୍ବଶ୍ରେଷ୍ଠ, ଅତୁଳନୀୟ ଶକ୍ତିରେ ଯିଏ ପରିପୂର୍ଣ୍ଣ ପୁରୁଷ ରାମର ଅମଙ୍ଗଳକୁ କେମିତି ସହ୍ୟ କରି ପାରିବି ? କେବେ ବି ସମ୍ଭବ ନୁହେଁ, ମୁଁ କେବେ ବି ରାମକୁ ଛାଡି ବଞ୍ଚିପାରିବିନି। ଭାବିନେଲି ଶନିଦେବଙ୍କ ସହ ଦଶରଥ ଯୁଦ୍ଧ କରିବା ବେଳେ ତାଙ୍କ ରଥ ଚକ ହୁଗୁଳି ଯିବାରୁ ସେ ମୃତ୍ୟୁ ମୁଖରେ ପଡିବା ନିଶ୍ଚିତ ବୋଲି ଜାଣି ତାଙ୍କ ରଥର ସେ ଶଙ୍କୁକୁ ମୋ ହାତରେ ଏପରି ଭାବରେ ରଖିନେଲି, ଯାହା ଫଳରେ ସେ ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ, ସେହି ଉପକାରରେ ସନ୍ତୁଷ୍ଟ ହୋଇ ମୋତେ କହିଥିଲେ '' ହେ କୈକେୟୀ, ତୁମେ ଯେଉଁ ଉପକାର କଲ, ସେହି ଉପକାରର ପ୍ରତିଦାନ ସ୍ୱରୂପ ତୁମେ କେଉଁ ବର ମାଗିବ କୁହ ମୁଁ ସଙ୍ଗେ ସଙ୍ଗେ ପୁରଣ କରିବି। ତୁମେ କୁହ କେଉଁ ବରମାଗିବା କଥା ଏବେ ମାଗିନିଅ।'' ମୋ ମୁହଁରେ ଗୋଟିଏ ଦର୍ପିତ ହାସ୍ୟ ରେଖା ଫୁଟି ଉଠିଲା, ମୁଁ କହିଲି ''ହେ ରାଜନ୍ ! ମୁଁ ଦୁଇଟି ବର ମାଗିବି, କିନ୍ତୁ ତାହା ଏବେ ନୁହେଁ, ଯଥା ସମୟରେ ମୁଁ ମାଗିନେବି। କିନ୍ତୁ ତୁମେ ସତ୍ୟକର, ତୁମେ ସେ ସମୟରେ ମୋ ସାଥିରେ ପ୍ରତାରଣା କରିବ ନାହିଁ।'' ସେ ତ୍ରିବାର ସତ୍ୟକରି କହିଲେ ଦେଖ ପ୍ରିୟତାମା କୈକେୟୀ ! ମୁଁ ନିଶ୍ଚୟ ପ୍ରଦାନ କରିବି।'' ଠିକ୍ ସେହି ସମୟକୁ ବହୁଦିନରୁ ପ୍ରତୀକ୍ଷା କରିଛି। ଶୁଆ, ଶାରୀଙ୍କର ଏହି ଭୟାନକ ଭବିଷ୍ୟତ ସମ୍ପର୍କରେ ଯେତେବେଳେ ମୋର କର୍ଣ୍ଣପାତ କଲାଣି, ତେଣୁ ସେହି ମାଙ୍ଗଳିକ ଲଗ୍ନକୁ ଅପେକ୍ଷା କରି ରହିଲି, ଯେତେବେଳେ ରାମଚନ୍ଦ୍ରଙ୍କୁ ରାଜା କରାଇବାର ରାଜସିଂହାସନ ଅଭିମୂଖେ ନେଉଥିବେ ଠିକ୍ ସେହି ସମୟରେ ମୁଁ ମାଗିବି ଦୁଇ ଗୋଟିବର। କିନ୍ତୁ ଏହି କଥାକୁ ମୁଁ ଗୋପନ ରଖିଲି, କେହି ବି ଏହି ରହସ୍ୟକୁ ଜାଣନ୍ତି ନାହିଁ। କେବଳ ମୋର ପୁତ୍ର ରାମ ଜାଣେ। ରାମ ବ୍ୟତୀତ ପୃଥିବୀରେ ଅନ୍ୟ କୌଣସି ଲୋକ ଜାଣନ୍ତି ନାହିଁ। ମୁଁ ଭାବିଲି ମୋ ପୁଅତ ଜାଣିଛି। ଆଉ କେହି ନଜାଣିଲେ ନଜାଣନ୍ତୁ। ରାମ ହିଁ ମୋର ସବୁ। ଦଶରଥ ଇହଧାମରୁ ଚାଲିଗଲେ, କିନ୍ତୁ ଏ ଗୋପନ ରହସ୍ୟ ସେ ମଧ୍ୟ ଜାଣି ପାରିଲେ ନାହିଁ। ସେହି ମାଙ୍ଗଳିକ ଲଗ୍ନ ଆସି ପହଞ୍ଚିଲା। ଅଯୋଧ୍ୟା ବକ୍ଷରେ ମୁଁ କହିଲି ''ହେ ନରେଶ ! ଯୁଦ୍ଧ ସମୟରେ ଆପଣଙ୍କ ଜୀବନ ରକ୍ଷା କରିଥିଲି ବୋଲି ଯେଉଁ ଦୁଇଟି ବର ମୋତେ ପ୍ରଦାନ କରିଥିଲେ ଆଜି ସେହିବର ମୁଁ ମାଗିବି, ଆପଣ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ?'' ଅଭିଷେକ ଉତ୍ସବର ମହାଯଜ୍ଞ ଚାଲିଥାଏ। ଶହ ଶହ ବେଦଜ୍ଞ, ବ୍ରାହ୍ମଣ, ପୁରୋହିତଙ୍କ ମନ୍ତ୍ର ପାଠରେ ଅଯୋଧ୍ୟା ମହାନଗରୀ ପ୍ରକମ୍ପିତ ହେଉଥାଏ। (କ୍ରମଶଃ)

# ଅଶାନ୍ତ ଲୋହିତ ସାଗର



ବିଷ୍ଣୁ ପ୍ରସାଦ ଦାସ
ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
ମୋ: ୯୯୩୭୧୭୪୦୯୭

ଆତଙ୍କବାଦୀ ହୁଥିସ ମାନଙ୍କ ଦୌରାତ୍ମ୍ୟ ପାଇଁ ବର୍ତ୍ତମାନ ବିଶ୍ୱର ବାଣିଜ୍ୟ କାରବାର ଉପରେ ଏକ କଳା ବାଦଲ ଘୋଟି ଯାଇଛି । ବିଶ୍ୱ ବାଣିଜ୍ୟ କାରବାର ମୁଖ୍ୟତଃ ଜଳ ପୋତ ଦ୍ୱାରା ହୋଇଥାଏ। ଜଳ ପୋତ ଯାତାୟାତ କରିବା ପାଇଁ ନିର୍ଦ୍ଧାରିତ ମାର୍ଗ ରହିଅଛି , ଏସିଆ ମହାଦେଶରୁ ୟୁରୋପ , ଆମେରିକା ମହାଦେଶର ବିଭିନ୍ନ ଦେଶକୁ ଜଳ ପଥରେ ଗମନା ଗମନ ନିମନ୍ତେ ସାଧାରଣତଃ ଜଳ ପୋତ ଗୁଡିକ ଲୋହିତ ସାଗର ଦେଇ ସୁଏଜ କେନାଲ ଉପରେ ନିର୍ଭର କରି ଥା'ନ୍ତି । ପ୍ରାୟ ଦୁଇ ହଜାର ଦୁଇଶହ କିଲୋମିଟର ଲୋହିତ ସାଗର ମଧ୍ୟ ଦେଇ ଯାତାୟାତ କରିବା ସମୟରେ ଲୋହିତ ସାଗରର ଉଭୟ ପାର୍ଶ୍ୱରେ ଥିବା ଦେଶ ଗୁଡିକ ଏହାର କିଛି ମାତ୍ରାରେ ଲାଭ ଉଠାଇ ଥାନ୍ତି , ଯଦି ଏହି ଲୋହିତ ସାଗରର ର ବିକଳ୍ପ ପଥ ଖୋଜା ଯାଏ ତେବେ ଜାହାଜ ଗୁଡିକ ଆଫ୍ରିକା ମହାଦେଶର ନିମ୍ନ ରେ ଥିବା କେପ୍ ହୋଇ ବୁଲି ଯିବାକୁ ପଡିବ ଏବଂ ଏଥି ପାଇଁ ପ୍ରାୟ ଅଧିକ ସାତ ହଜାର କିଲୋମିଟର ପଥ ଅତିକ୍ରମ ସହିତ ଏକ ସପ୍ତାହରୁ ଅଧିକ ସମୟ ଲାଗିଯିବ । ଅଧିକ ସମୟ ତଥା ଇନ୍ଧନ ଖର୍ଚ୍ଚ ବଢିବା ଦ୍ୱାରା ପରିବହନ ଖର୍ଚ୍ଚ ବଢିବ ଫଳରେ ଆମଦାନୀ / ରପ୍ତାନି ହେଉଥିବା ସାମଗ୍ରୀର ଦର ମଧ୍ୟ ବଢ଼ିଯିବ । ଆସନ୍ତୁ ଏହି ବିଷୟ ଉପରେ କିଛି ଜାଣିନେବା ।

ଲୋହିତ ସାଗର ଏସିଆ ଏବଂ ଆଫ୍ରିକା ମହାଦେଶ ମଧ୍ୟରେ ପ୍ରାୟ ୨୨ ଶହ କିଲୋମିଟର ବ୍ୟାପି ଏକ ସାଗର ଯାହାକି ଭାରତ ମହାସାଗର ( ଆରବ ସାଗର ) ସହିତ ମେଡ଼ିଟେରିଆନ / ଭୂମଧ୍ୟ ସାଗରକୁ ସୁଏଜ୍ କେନାଲ ଦ୍ୱାରା ସଂଯୋଗ କରାଯାଇଛି । ଏହି ସଂକୀର୍ଣ୍ଣ ସାଗରର କ୍ଷେତ୍ରଫଳ ୪୩୮ ,୦୦୦ ବର୍ଗ କିଲୋମିଟର , ଏହାର ହାରାହାରି ପ୍ରସ୍ଥ ୩୫୫ କିଲୋମିଟର ଏବଂ ଗଭୀରତା ପ୍ରାୟ ୪୯୦ ମିଟର । ଏହି ସାଗର ମଧ୍ୟରେ ଥିବା ଦ୍ୱୀପପୁଞ୍ଜ ଗୁଡିକ ହେଲା : ତିରାନ୍ ଦ୍ୱୀପ, ପେରିମ୍ ଦ୍ୱୀପ, ଜବଲ୍ ଅଲ୍-ଟାୟାର ଦ୍ୱୀପ, ହନିଶ୍ ଦ୍ୱୀପ, ରକି ଦ୍ୱୀପ । ଲୋହିତ ସାଗରର ଉତ୍ତରରେ ଜୋର୍ଡାନ, ସାଉଦି ଆରବ , ୟେମେନ୍ ଥିବା ସମୟରେ ଦକ୍ଷିଣ ଦିଗରେ ଇଜିପ୍ଟ , ସୁଦାନ୍ , ଇରିଟ୍ରିଆ , ସୋମାଲିଆ , ଯିବୁଟି ଦେଶ ଅବସ୍ଥିତ । ୧୮୬୯ ମସିହାରୁ ସୁଏଜ୍ କେନାଲ ଖୋଲିଲା ଏବଂ ଲୋହିତ ସାଗର ସହିତ ଭୂମଧ୍ୟ ସାଗରର ସଂଯୋଗ ଦ୍ୱାରା ଜଳ ପୋତ / ଜାହାଜ ଦ୍ୱାରା ମାଲ ପରିବହନ ଆରମ୍ଭ ହେଲା ଅନ୍ୟଥା ଜାହାଜ ଗୁଡିକ ଆଫ୍ରିକା ମହାଦେଶର କେପ ହୋଇ ବୁଲି ଯାଉଥିଲେ। ଫଳରେ ସମୟ ଅଧିକ ଲାଗିବା ସହିତ ପରିବହନ ଖର୍ଚ୍ଚ ମଧ୍ୟ ବଢି ଯାଉଥିଲା । ଗତ ବର୍ଷର ହିସାବରୁ ଜଣାପଡେ ପ୍ରାୟ ୨୪ ହଜାର ଜାହାଜ ଏହି ପଥ ଦେଇ ଯିବା ଆସିବା କରିଛନ୍ତି , ତେବେ ଏହାର ଗୁରୁତ୍ୱ ଅନୁମେୟ । ଅନେକ ସମୟରେ ବିବାଦ ଦେଖାଦେଇ ସୁଏଜ୍ କେନାଲ ବନ୍ଦ୍ ହୋଇ ଯାଉଥିଲା ଫଳରେ ଅନେକ ମାଲ୍ ବାହୀ ଜାହାଜ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବର୍ତ୍ତମାନ ସମୟରେ ହୁଥିସ୍ ମାନେ ଜଳପଥ ଅବରୋଧ କରି କିଛି ଜଳ ଜାହାଜକୁ ଡ୍ରୋନ୍ ଦ୍ୱାରା ରକେଟ ମାଡ଼ କରି ନଷ୍ଟ କରି ଦେଉଛନ୍ତି , ଏହା ବର୍ତ୍ତମାନ ଚିନ୍ତାର ବିଷୟ ହୋଇ ଠିଆ ହୋଇଛି । ତେବେ ଏହି ହୁଥିସ୍ ମାନେ କାହିଁକି ଶାନ୍ତି ଭଙ୍ଗ କରୁଛନ୍ତି ? କାହିଁକି ଜଳ ଜାହାଜ ଗୁଡିକୁ କ୍ଷେପଣାସ୍ତ୍ର ଦ୍ୱାରା ନଷ୍ଟ କରି ଦେଉଛନ୍ତି ? ସମ୍ୟକ ଜ୍ଞାନରୁ ଏହାର କାରଣ ଖୋଜିବାକୁ ଯାଇ ବୁଝା ପଡ଼େ ଯେ, ହୁଥିସ୍ ମାନେ ୟେମେନ ଦେଶର ନାଗରିକ ଅଟନ୍ତି। ୧୯୯୪ ମସିହାରୁ ସେମାନେ ୟେମେନ୍ ଦେଶରେ ବିଦ୍ରୋହୀ ଗୋଷ୍ଠୀ ରୂପେ ଅବତୀର୍ଣ୍ଣ , ଅନେକ ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର ତଥା ପ୍ରଶିକ୍ଷିତ ବିଦ୍ରୋହୀ ସେନା ମାନେ ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଥାଆନ୍ତି।

୨୦୧୪ ମସିହାରୁ ଏମାନଙ୍କୁ ଇରାନ୍ ଦେଶ ସମର୍ଥନ କରୁଛି , ତାଙ୍କ ସମର୍ଥନ ପାଇ ହୁଥିସ୍ ମାନେ ୟେମେନ୍‌ର ରାଜଧାନୀକୁ ନିଜ ଅକ୍ତିଆରକୁ ନେଇ ଯାଇଥିଲେ । ବର୍ତ୍ତମାନ ସେମାନେ ୟେମେନ୍ ର ଉତ୍ତର ଏବଂ ପଶ୍ଚିମ ପଟ ନିଜ ଦଖଲରେ ରଖିଛନ୍ତି , ୨୦୧୫ ବେଳକୁ ଆରବ ୟେମେନ୍ ର ପୂର୍ବତନ ସରକାରଙ୍କୁ ସମର୍ଥନ କରିବା ସମୟରେ ଇରାନ୍ ହୁଥିସ୍ ମାନଙ୍କୁ ସମର୍ଥନ କରୁଥିଲେ ଫଳରେ ଇରାନ୍ ଏବଂ ଆରବ ମଧ୍ୟରେ ଏକ ଛାୟା ଯୁଦ୍ଧ ସଂଗଠିତ ହୋଇଥିଲା ଏବଂ ଏବେ ସୁଦ୍ଧା ଏହା ଚାଲିଛି ଫଳରେ ସେଠାରେ ପ୍ରାୟ ଏକ ଲକ୍ଷ ପଚାଶ ହଜାର ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇ ସାରିଲାଣି । ହୁଥିସ୍ ମାନେ ଇସ୍ରାଏଲ୍ ପାଲେଷ୍ଟାଇନ୍ ମଧ୍ୟରେ ଲାଗିଥିବା ଯୁଦ୍ଧ ରେ ହାମାସ୍ ପ୍ରତି ସମର୍ଥନ ଜାହିର କରି ଲୋହିତ ସାଗରରେ ଚଳା ଚଳ କରୁଥିବା ପଣ୍ୟବାହୀ ଜାହାଜ ଗୁଡିକ ଉପରେ ଆକ୍ରମଣ କରୁଛନ୍ତି । ଗତ ଅକ୍ଟୋବର ମାସ ୭ ତାରିଖରୁ ଇସ୍ରାଏଲ୍ ର ପାଲେଷ୍ଟାଇନ୍ ଉପରେ ଆରମ୍ଭ ହୋଇଥିବା ଆକ୍ରମଣକୁ ଆଖିରେ ରଖି ଲୋହିତ ସାଗର ଦେଇ ଯାଉଥିବା ଜାହାଜ ଗୁଡିକ ଉପରେ ମିସାଇଲ୍ ଆକ୍ରମଣ ଜାରି ରଖିଛନ୍ତି । ଏହାକୁ ବିରୋଧ କରି ଭାରତୀୟ ନୌ ସେନା, ଆମେରିକୀୟ ନୌ ସେନା ଲୋହିତ ସାଗରରେ ମୁତୟନ ଅଛନ୍ତି କିନ୍ତୁ ହୁଟିସ୍ ମାନେ ଖୁବ୍ ଚତୁରତାର ସହିତ ଜାହାଜ ଉପରେ ଆକ୍ରମଣ ଜାରି ରଖିବାରେ ସକ୍ଷମ ହେଉଛନ୍ତି । ଏହାଦ୍ୱାରା ଭାରତ ତଥା ଅନ୍ୟ ଏସୀୟ ଦେଶ ମାନଙ୍କୁ ଆସୁଥିବା ତୈଳ ଟ୍ୟାଙ୍କର ଗୁଡିକ କ୍ଷତିଗ୍ରସ୍ତ ହେଉଛନ୍ତି । ହୁଟିସ୍ ମାନେ ଚେତାବନୀ ଦେଇଛନ୍ତି ଯେ, ଯେପର୍ଯ୍ୟନ୍ତ ଇସ୍ରାଏଲ୍ ପାଲେଷ୍ଟାଇନ୍ ହାମାସ୍ ଉପରେ ଆକ୍ରମଣ ବନ୍ଦ ନ କରିଛି ସେତେଦିନ ପର୍ଯ୍ୟନ୍ତ ଲୋହିତ ସାଗର ମଧ୍ୟ ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ ହେଉଥିବ । ଏହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ବ୍ୟବସାୟ ଉପରେ ବାଧା ସୃଷ୍ଟି ହେବ ଏବଂ ଏହି ଚାପ ଫଳରେ ହୁଏତ ଇସ୍ରାଏଲ୍ ପାଲେଷ୍ଟାଇନ୍ ଉପରେ ଆକ୍ରମଣ ବନ୍ଦ କରିପାରେ ।

ହୁଟିସ୍ ମାନଙ୍କର ଜନ୍ମ ୧୯୯୪ ମସିହାରେ ହୁଏ, ୧୯୯୪ ରୁ ୨୦୦୪ ପର୍ଯ୍ୟନ୍ତ ହୁସେନ୍ ଅଲ୍ ହାଉଟି ସେମାନଙ୍କର ନେତା ଥିଲେ ପରବର୍ତ୍ତୀ ସମୟରେ ଅବଦୁଲ ମଲ୍ଲିକ ଅଲ୍ ହାଉଟି ନେତା ହେଲେ , ମହମ୍ମଦ୍ ଅବଦୁଲ୍ ସଲାମ୍ ତାଙ୍କର ମୁଖପାତ୍ର ଅଛନ୍ତି ହୁଟିସ୍ ଏବଂ ଜିହ୍ୱଦି ସିହା ସମ୍ପ୍ରଦାୟ ଏହାର ସଦସ୍ୟ ତଥା ସୈନିକ ଅଟନ୍ତି, ଏମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ସାନା ସହର । ଡ୍ରୋନ୍ ଦ୍ୱାରା ସେମାନେ ଲୁଚି ଛପି ଆକ୍ରମଣ କରୁଥିବାରୁ ଭାରତୀୟ ନୌ ସେନା ତଥା ଆମେରିକୀୟ ନୌ ସେନା ପ୍ରତିଆକ୍ରମଣ କରିବାରେ ବାଧା ଉପୁଜିଛି ତେବେବି ଅନେକ ଜାହାଜକୁ ସେମାନେ ସୁରକ୍ଷା ଦେବାକୁ ସକ୍ଷମ ହେଉଛନ୍ତି।

ଭାରତର ପ୍ରଧାନ ମନ୍ତ୍ରୀ ଅନେକ ଆଗରୁ ସୁଏଜ୍ କେନାଲ୍ ର ବିକଳ୍ପ ଖୋଜୁଛନ୍ତି ଯାହା ଦ୍ୱାରା ଜଳ ସ୍ଥଳ ଉଭୟ ପଥର ସହାୟତା ନେଇ ୟୁରୋପ କୁ ଏକ କରିଡ଼ର ଖୋଲା ଯାଇ ପାରିବ, ଫଳରେ ସୁଏଜ୍ କେନାଲ୍ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ବର୍ତ୍ତମାନ୍ ପ୍ରତିଟି ସ୍ଥାନରେ ଆତଙ୍କବାଦ ଲାଗି ରହିଛି, ବିଶ୍ୱ ବାଣିଜ୍ୟ ପାଇଁ ଏହା ବିପଦ୍ଜନକ ସାବ୍ୟସ୍ତ ହେଲାଣି ତେଣୁ ସମସ୍ତେ ମିଶି ମିଳିତ ଜାତିସଂଘ ତରଫରୁ ଏହା ଉପରେ ଆଲୋଚନା ମାଧ୍ୟମରେ ରୋକ୍ ଲଗାଇବାର ସମୟ ଉପନୀତ ଅନ୍ୟଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକ ଆକାଶ ଛୁଆଁ ଦର ହୋଇପାରେ। ଅଶୋଧିତ ତୈଳ ଦର ନିଶ୍ଚିତ ଭାବରେ ବୃଦ୍ଧି ପାଇବ, ଖାଦ୍ୟ ସାମଗ୍ରୀ ଗୁଡିକର ମଧ୍ୟ ଅହେତୁକ ଅଭାବ ପରିଲକ୍ଷିତ ହୋଇ ପାରେ। ଲୋହିତ ସାଗରରେ ହୁଥିସ୍ ଆକ୍ରମଣ ଉପରେ ରୋକ୍ ଲଗାଇବାରେ ଭାରତର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏ । ଭାରତର ବୈଦେଶିକ ନୀତି ଏହି ସମସ୍ୟା କୁ ନିଶ୍ଚିତ ଭାବେ ସମାଧାନ କରିବାରେ ସହାୟ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ।

# ବାଜିରେ ଲାଗିଛି ନିରୀହ ଲୋକଙ୍କ ଜୀବନ



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଭାରତରେ ହୋଇଥିବା କେତେକ ବଡ଼ ରେଳ ଦୁର୍ଘଟଣାର ଇତିହାସକୁ ଯଦି ଆମେ ଅବଲୋକନ କରିବା ରେଳ ଦୁର୍ଘଟଣାର ପ୍ରକୃତ କାରଣ ପାଖରେ ଆମେ ନିଶ୍ଚିତ ପହଁଞ୍ଚିପାରିବା ଏଥିରେ ସନ୍ଦେହ ର ଅବକାଶ ନାହିଁ । ଯେଉଁ କେତେଟି ହୃଦୟବିଦାରକ ଅତି ଭୟାବହ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ସେଥିମଧ୍ୟରୁ ବିହାରର ବାଗମତୀ ନଦୀରେ ହୋଇଥିବା ଦୁର୍ଘଟଣା ଅନ୍ୟତମ । ଏହା ବିଶ୍ୱର ଦ୍ୱିତୀୟ ବୃହତ ରେଳ ଦୁର୍ଘଟଣା । ୧୯୮୧ଜୁନ ୬ତାରିଖରେ ବିହାର ବାଗମତୀ ନଦୀରେ ଖସିପଡିଥିଲା ଏକ ପାସେଞ୍ଜର ଟ୍ରେନ । ଏଥିରେ ନିର୍ଦ୍ଦିଷ୍ଟ ଭାବେ କେତେଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା ତାହା ଆଜି ମଧ୍ୟ ରହସ୍ୟ ହୋଇରହିଛି । ସରକାରୀ ତଥ୍ୟ ଅନୁସାରେ ଏହାର ସଠିକ ତଥ୍ୟ ପ୍ରଶାସନ ଆକଳନ କରିବା ଅସମ୍ଭବ ଥିଲା । ଗଣମାଧ୍ୟମର ରିପୋର୍ଟ ଅନୁସାରେ ୭୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା । ଏହି ଭୟାବହ ଦୁର୍ଘଟଣାର ପ୍ରକୃତ କାରଣ ମଧ୍ୟ ସରକାର ଜାଣିବାକୁ ସକ୍ଷମ ହେଇପାରିନଥିଲେ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଅଚାନକ ଟ୍ରେନ ଲୋକପାଇଲଟ ବ୍ରେକ ମାରିବାରୁ ଏପରି ଘଟିଥିଲା ଏବଂ ଆଉ କିଛି ବ୍ୟକ୍ତି ବନ୍ୟା, ବାତ୍ୟାର କାରଣ ଦର୍ଶାଇଥିଲେ।

ଭାରତରେ ରେଳଯାତ୍ରା ସବୁଠୁ ସୁରକ୍ଷିତଏବଂ ଆରାମଦାୟକ ଏହା ସାଧାରଣଲୋକଙ୍କର ବିଶ୍ୱାସ ରହିଛି । ଏଥିପାଇଁ ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକମାନେ ଟ୍ରେନରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରିଥାନ୍ତି । ବସ ଏବଂ ବିମାନଯାତ୍ରା ଅପେକ୍ଷା ଏଥିରେ ଟିକେଟର ମୂଲ୍ୟ ଅପେକ୍ଷାକୃତ କମ ରହିଥାଏ । ସେଥିପାଇଁ ରେଳଯାତ୍ରା କରିବା ପାଇଁ ଲୋକମାନେ ଅଧିକ ପସନ୍ଦ କରିଥାନ୍ତି । ବିଗତ କିଛି ବର୍ଷ ମଧ୍ୟରେ ଛୋଟ, ବଡ଼ ରେଳ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ସଞ୍ଚାର କରୁଛି । ସୁରକ୍ଷିତ ଭାବେ ନିଜେ ଏବଂ ନିଜର ପରିବାରବର୍ଗ, ଆତ୍ମୀୟସ୍ୱଜନ,ବନ୍ଧୁପରିଜନ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ ତ ?କୌଣସି ଅଘଟଣ ତାଙ୍କ ସହିତ ଘଟିଯିବନି ତ? ଏହିପରି ଅନେକ ଅସୁମାରୀ ପ୍ରଶ୍ନ ଯାତ୍ରୀ ମନ ମଧ୍ୟରେ ଉଙ୍କି ମାରୁଛି । ନିଜର ସୁରକ୍ଷା ପାଇଁ ରେଳଯାତ୍ରୀଙ୍କୁ ସଦାସର୍ବଦା ଚିନ୍ତା, ଭୟ ଏବଂ ଆଶଙ୍କା ମଧ୍ୟରେ ରହିବାକୁ ପଡୁଛି। ରେଳଦୁର୍ଘଟଣାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷପ ଗ୍ରହଣ କରିଛନ୍ତି କିନ୍ତୁ ଦୁର୍ଘଟଣାକୁ ରୋକିବାରେ ସରକାର ବିଫଳ ହେଇଛନ୍ତି । ରେଳଦୁର୍ଘଟଣା କମିବାର ନା ଧରୁନି । ପୁଣି ବାରମ୍ବାର ଏହିପରି ଦୁର୍ଘଟଣାର ଲୋକମାନେ ଶିକାର ହେଉଛନ୍ତି । ଟ୍ରେନ ମାନଙ୍କ ମଧ୍ୟରେ ଯେପରି ଧକ୍କା ନହୁଏ ସେଥିଲାଗି ଆଣ୍ଟି କଲିଜନ ଡିଭାଇସି ବା କବଚ ସିଷ୍ଟମର ବ୍ୟାପକ ବ୍ୟବହାରର ଆବଶ୍ୟକତା ରହିଛି ।

ଭାରତରେ ହୋଇଥିବା କେତେକ ବଡ଼ ରେଳ ଦୁର୍ଘଟଣାର ଇତିହାସକୁ ଯଦି ଆମେ ଅବଲୋକନ କରିବା ରେଳ ଦୁର୍ଘଟଣାର ପ୍ରକୃତ କାରଣ ପାଖରେ ଆମେ ନିଶ୍ଚିତ ପହଁଞ୍ଚିପାରିବା ଏଥିରେ ସନ୍ଦେହ ର ଅବକାଶ ନାହିଁ । ଯେଉଁ କେତେଟି ହୃଦୟବିଦାରକ ଅତି ଭୟାବହ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ସେଥିମଧ୍ୟରୁ ବିହାରର ବାଗମତୀ ନଦୀରେ ହୋଇଥିବା ଦୁର୍ଘଟଣା ଅନ୍ୟତମ । ଏହା ବିଶ୍ୱର ଦ୍ୱିତୀୟ ବୃହତ ରେଳ ଦୁର୍ଘଟଣା । ୧୯୮୧ଜୁନ ୬ତାରିଖରେ ବିହାର ବାଗମତୀ ନଦୀରେ ଖସିପଡିଥିଲା ଏକ ପାସେଞ୍ଜର ଟ୍ରେନ । ଏଥିରେ ନିର୍ଦ୍ଦିଷ୍ଟ ଭାବେ କେତେଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା ତାହା ଆଜି ମଧ୍ୟ ରହସ୍ୟ ହୋଇରହିଛି । ସରକାରୀ ତଥ୍ୟ ଅନୁସାରେ ଏହାର ସଠିକ ତଥ୍ୟ ପ୍ରଶାସନ ଆକଳନ କରିବା ଅସମ୍ଭବ ଥିଲା । ଗଣମାଧ୍ୟମର ରିପୋର୍ଟ ଅନୁସାରେ ୭୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା । ଏହି ଭୟାବହ ଦୁର୍ଘଟଣାର ପ୍ରକୃତ କାରଣ ମଧ୍ୟ ସରକାର ଜାଣିବାକୁ ସକ୍ଷମ ହେଇପାରିନଥିଲେ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଅଚାନକ ଟ୍ରେନ ଲୋକପାଇଲଟ ବ୍ରେକ ମାରିବାରୁ ଏପରି ଘଟିଥିଲା ଏବଂ ଆଉ କିଛି ବ୍ୟକ୍ତି ବନ୍ୟା, ବାତ୍ୟାର କାରଣ ଦର୍ଶାଇଥିଲେ।

୧୯୯୫ ଅଗଷ୍ଟ ୨୦ ଉତ୍ତରପ୍ରଦେଶର କାଳିନ୍ଦୀ ଏକ୍ସପ୍ରେସକୁ ଟକ୍କର ଦେଇଥିଲା ପୁରୁଷୋତ୍ତମ ଏକ୍ସପ୍ରେସ । ଏହି ଭୟଙ୍କର ରେଳଦୁର୍ଘଟଣାରେ ୩୦୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ସରକାରୀ ତଥ୍ୟ ଅନୁସାରେ ଏବଂ ଅନେକ ଲୋକ ଏଥିରେ ଆହତ ହୋଇଥିଲେ । ଏକ ଗାଈକୁ ବଞ୍ଚାଇବାକୁ ଯାଇ ବ୍ରେକ୍ ମାରିଥିଲେ କାଳିନ୍ଦୀ ଏକ୍ସପ୍ରେସର ଲୋକପାଇଲଟ୍ । ବ୍ରେକ୍ ଜାମ ହୋଇଯିବା ପରେ ଏହା ଷ୍ଟେସନରେ ଠିଆ ହୋଇଥିଲା ସେତିକିବେଳେ ପୁରୁଷୋତ୍ତମ ଏକ୍ସପ୍ରେସ ପଛରୁ ଆସି ଏହାକୁ ଧକ୍କା ଦେଇଥିଲା। ୧୯୯୮ ମସିହା ନଭେମ୍ବର ୨୬ରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ଓ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲ ମଧ୍ୟରେ ଧକ୍କା ହୋଇଥିଲା ପଞ୍ଜାବର ଖାନ୍ନା ଠାରେ ଏହି ଲୋମହର୍ଷଣକାରୀ ଦୁର୍ଘଟଣା ଘଟିଥିଲା। ରେଳଧାରଣା ଭାଙ୍ଗିଥିବା ଯୋଗୁଁ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲର ୬ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା । ଠିକ୍ ସେହି ସମୟରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ପଛରୁ ଆସି ଧକ୍କା ଦେଇଥିଲା । ଏହି ଭୟଙ୍କର ଦୁର୍ଘଟଣାରେ ୨୧୨ଜଣ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭି ଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ। ୧୯୯୯ ମସିହା ଅଗଷ୍ଟ୨ରେ ଘଟିଥିଲା ଏକ ଭୟଙ୍କର ଦୁର୍ଘଟଣା ଯେତେବେଳେ ସବୁ ଯାତ୍ରୀ ବିଶ୍ରାମ ନେଉଥିଲେ ଠିକ୍ ରାତି ୧ ଟା ୩୦ରେ ଘଟିଥିଲା ବଡ଼ ଦୁର୍ଘଟଣା। ଆସାମର ଗୁଆହାଟି ରେ ଅଓ୍ୱଧ - ଆସାମ ଏକ୍ସପ୍ରେସ୍ ଏବଂ ବ୍ରହ୍ମପୁତ୍ର ମେଲ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା ।ଏଥିରେ ୨୮୫ରୁ ଉର୍ଦ୍ଧ୍ୱ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ଏବଂ ଅନେକ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ । ତ୍ରୁଟିପୂର୍ଣ୍ଣ ସିଗନାଲ ଯୋଗୁଁ ଏପରି ଭୟାବହ ଦୁର୍ଘଟଣା ଘଟିଥିଲା ।

ମାଓବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୧୦ମସିହା,ମେ, ୨୮ ତାରିଖରେ ଘଟିଥିଲା ବିରାଟ ବଡ଼ ରେଳ ଦୁର୍ଘଟଣା । ପଶ୍ଚିମବଙ୍ଗର ମେଦିନାପୁର ଜିଲ୍ଲା କ୍ଷମାଶୁଳି ଓ ସାରଦିଆ ମଧ୍ୟରେ ହୋଇଥିଲା ଶକ୍ତିଶାଳୀ ବିସ୍ଫୋରଣ କିମ୍ବା କୌଣସି ଆତ୍ମଘାତୀ କାର୍ଯ୍ୟ ଯୋଗୁଁ ଜ୍ଞାନେଶ୍ୱରୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା । ଫଳରେ ଏକ ମାଲବାହୀ ଟ୍ରେନ ସହିତ ଏହାର ଧକ୍କା ହୋଇଥିଲା । ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଟ୍ରେନ ଅଟକିଥିଲା । ଏହି ସମୟରେ ମାଓବାଦୀ ମାନଙ୍କର ବର୍ବରତାର ସମସ୍ତ ସୀମା ଟପି ଯାଇଥିଲା । ସେମାନେ ୧୪୮ଜଣ ନିରୀହ ଯାତ୍ରୀଙ୍କୁ ହତ୍ୟା କରିଥିଲେ । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୨୦ ପର୍ଯ୍ୟନ୍ତ ଆମଦେଶରେ ଛୋଟ ବଡ଼ ରେଳ ଦୁର୍ଘଟଣାକୁ ମିଶାଇ ୧୩୦୦୦ ଦୁର୍ଘଟଣା ଘଟିଛି ଏବଂ ୧୬୦୦୦ରୁ ଉର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ଅକାଳ ବିୟୋଗ ହୋଇଛି । ଦେଶର ଅନେକ ରେଳମନ୍ତ୍ରୀଙ୍କ ସମୟରେ ବଡ଼ ରେଳ ଦୁର୍ଘଟଣା ଘଟିଛି କିନ୍ତୁ କ୍ୱଚିତ କୌଣସି ରେଳମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସବୁଠୁ ଆଗରେ ଅଛନ୍ତି ଆଦର୍ଶ ରାଜନେତା ଲାଲବାହଦୂର ଶାସ୍ତ୍ରୀ । ନଭେମ୍ବର, ୧୯୫୬ ଆରିୟାଲୁରରେ ରେଳ ଦୁର୍ଘଟଣା ଘଟି ୧୪୬ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ସେ ଗଭୀର ମର୍ମାହତ ହୋଇଥିଲେ ଏବଂ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କର ଉତ୍ତରଦାୟିତ୍ୱ ଓ ନୈତିକତା ଅନ୍ୟ ରାଜନେତାଙ୍କ ପାଇଁ ସଦା ସର୍ବଦା ଆଦର୍ଶ ହୋଇରହିବ ।

ଏକବିଂଶ ଶତାବ୍ଦୀ ୨୦୨୩ରେ ସବୁଠୁ ବଡ଼ ଭୟଙ୍କର ଲୋମହର୍ଷଣକାରୀ ରେଳ ଦୁର୍ଘଟଣା ଯାହା ସାରା ବିଶ୍ୱକୁ ଆଚମ୍ବିତ କରିଦେଇଥିଲା । ସନ୍ଧ୍ୟା ୭ଟା ସମୟରେ କରମଣ୍ଡଳ ଏକ୍ସପ୍ରେସ ଏବଂ ଯଶୱନ୍ତପୁର -ହାଓଡା ସୁପରଫାଷ୍ଟ ଏବଂ ଏକ ମାଲବାହି ଟ୍ରେନ ମଧ୍ୟରେ ଧକ୍କା ହୋଇଥିଲା । ଏହି ହୃଦୟବିଦାରକ ଲୋମହର୍ଷଣକାରୀ ଭୟଙ୍କର ରେଳଦୁର୍ଘଟଣାରେ ୨୯୦ରୁ ଉର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ପ୍ରାଣହାନି ଘଟିଛି ଏବଂ ଅନେକ ଏଥିରେ ଆହତ ହୋଇଛନ୍ତି ।

ସଦ୍ୟତମ ରେଳ ଦୁର୍ଘଟଣା ଯାହାକି ଏଇ ବୁଧବାର ୧୧ଅକ୍ଟୋବରରେ ଘଟିଛି । ନର୍ଥଇଷ୍ଟ ଏକ୍ସପ୍ରେସର ୨୧ଟି ବଗି ଲାଇନଚ୍ୟୁତ ହୋଇଛି ବିହାରର ରଘୁନାଥପୁର ଷ୍ଟେସନ ନିକଟରେ । ଏଥିରେ ୬ଜଣ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏଥିରେ ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ରେଳବାଇର ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁସାରେ ଟ୍ରାକରେ ରହିଥିବା ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଇଞ୍ଜିନିୟରିଂ ବିଭାଗର ଗୁରୁତର ଅବହେଳା ପାଇଁ ଏପରି ଘଟିଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ ଅଛି । ଏହି ଦୁର୍ଘଟଣାରେ ସରକାରୀ ରିପୋର୍ଟ ଅନୁସାରେ ରେଳବିଭାଗର ୫୨କୋଟି ଟଙ୍କା କ୍ଷତି ହୋଇଛି । କେତେକ ଅସାମାଜିକ ତତ୍ତ୍ୱ ମାଓବାଦୀ,ଆତଙ୍କବାଦୀ ନିଜର ମନ୍ଦ ଉଦେଶ୍ୟ ଚରିତାର୍ଥ କରିବା ପାଇଁ ଅନେକ ସମୟରେ ଜାଣିଶୁଣି ଷଡଯନ୍ତ୍ର କରି ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେଥିପାଇଁ ସମୟ ଆସିଛି ରାଜନୈତିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ରସରକାର ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା କରିବାକୁ ପଡିବ, ଯେପରିକି ଭବିଷ୍ୟତରେ ରେଳ ଦୁର୍ଘଟଣା ରୋକାଯାଇପାରିବ । ସମ୍ପୂର୍ଣ୍ଣଭାବେ ଦୁର୍ଘଟଣାକୁ ରୋକାଯାଇ ନପାରିଲେ ମଧ୍ୟ ଏହାକୁ କମ କରାଯାଇ ପାରିବ । ଆଣ୍ଟିକଲିଜନ ଡିଭାଇସି ବା କବଚ ସିଷ୍ଟମ ବହୁଳମାତ୍ରରେ ବ୍ୟବହାର କରାଯାଇ ଅନେକାଂଶରେ ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ । ଟ୍ରେନ ଲୋକପାଇଲଟଙ୍କ ଠାରୁ ଆରମ୍ଭ କରି ସିଗନାଲ ମ୍ୟାନ, ଇଞ୍ଜିନିୟର ପର୍ଯ୍ୟନ୍ତ ସମସ୍ତ ରେଳବାଇ କର୍ମଚାରୀ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ । ସମସ୍ତଙ୍କର ମିଳିତ ସହଯୋଗରେ ରେଳ ଦୁର୍ଘଟଣାକୁ ନିଶ୍ଚିତ ଭାବେ ରୋକାଯାଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ମୁଁ ଖାଲି ନଈ


ସ୍ନିଗ୍ଧା ପଣ୍ଡା


ମତେ ଆଉ ଡାକ ନାହିଁ
ମୁଁ ଖାଲି ନଈ
ଆଗକୁ ହିଁ ଯାଇ ପାରେ
ପଛକୁ ଫେରି ପାରେ ନାହିଁ

ରାସ୍ତା ଅରାସ୍ତାର ଭେଦ
ମତେ ଜମା କୁହ ନାହିଁ
ଯେଣେ ଯାଏ ବହି
ରାସ୍ତାଟିଏ ଯାଏ ଗଢି ହୋଇ

ମୁଁ ଖାଲି ନଈ
ଛୁଇଁପାରେ ସବୁ
କେବେ କିନ୍ତୁ ଛୁଆଁ ହୁଏ ନାହିଁ ।


ମୋ- ୯୮୬୧୩୨୩୬୫୦


## ସମୟର ଖେଳ


ଡଃ କମଳା କୃଷ୍ଣ ତ୍ରିପାଠୀ


ମୁଠା ମୁଠା ଅରୁଣିମାର ରେଣୁକଣା
ମୁରୁଜରେ
ସୂରୁଜ ବୁଣି ସାରିଛି
ଆଗାମୀ ସକାଳ ପାଇଁ ପାଦ ଚିହ୍ନ

ନିଜ ପତଳା ପାଖୁଡାର ଚଦର ଓହ୍ଲାଇ
ମାଟିର ଫୁଙ୍ଗୁଳା ଦେହ ଢାଙ୍କିବାକୁ
ନିରବଧି ନିରବ ପ୍ରୟାସ ଜାରି ରଖିଛି
ମହୁ ଫୁଲିଆ ଗଛ

ଏଥର ତୋର ଇଚ୍ଛା
କଅଁଳ ଘାସର ଗାଲିଚାରେ
ନା ମାଙ୍କଡା ମୁରମ ବନ୍ଧୁର ରାସ୍ତାରେ

କାଲିର ଅନ୍ଧାର ରାତିରେ
ତାରାମାନେ ହସ ବୁଣିଥିଲେ,
ଆଜିର କୁହୁଡିଆ ସକାଳେ ବି
ହୀରା ଫୁଲ ବିଛେଇ ପଡ଼ିଥିଲା
କୌଣସି ନା କୌଣସି ବାହାନାରେ
ସମୟ ଆସି ଆଙ୍କି ପକାଏ
ପାଦର ତାରକସି ଚିତ୍ର

ତା ଉପରେ ଅଳସ ଭାଙ୍ଗେ ନଈ
ଅହମିକାକୁ ଆକଟ କରେ ପାହାଡ଼
ଜୀବନ ଏକ ଜୁଆର ହୋଇ
ମୁଣ୍ଡ ପିଟୁଥାଏ,
ସମୟ ଗୋଟିଏ ପରେ ଗୋଟିଏ
ଆକାଶ ଗଢି
ନୂଆ ନୂଆ ଖେଳ ଦେଖୁଥାଏ ।


ସର୍ଜନାଳୟ, ଜୟପୁର
ମୋ- ୯୯୩୭୦୧୪୮୬୩


## ଡାଇରି


ଡ଼. ଦୀପକ କୁମାର ମିଶ୍ର


ଶତଚେଷ୍ଟା ପରେ ବି ଜିଭ ଲେଉଟିଲାନି ଯେଉଁଠି
ଅଠା ପରି ବହଳେ କ୍ଷୋଭ ଜୋରଜୁଲୁମ କରି
ବାନ୍ଧିଦେଲା ଅଭାବି ଅଥଚ ଅର୍ଥପୂର୍ଣ୍ଣ ଶବ୍ଦଗୁଡ଼ିକୁ
ଯେବେ କଦାପି କହିପାରିଲିନି
ଉବୁଟୁବୁ ହେଉଥିବା ମନର ଅସୁମାରି କଥାମାନ
ଲେଖିଗଲି ନିଭୃତରେ
ମାନ ଅଭିମାନର କ୍ଷୁଦ୍ର ଅଭିଧାନଟିଏ,
ଯଦି ଇଚ୍ଛାହେବ
କେବେ ପଢ଼ିବ ତ ନିରୋଳାରେ

ପାଇବ, ରେଖାଙ୍କିତ ଶବ୍ଦଗୁଡ଼ିକରେ
ପଣବନ୍ଧୀ ଥିବା
ଅନେକ ବିଶିଷ୍ଟ ବଶମ୍ବଦ ମୁହୂର୍ତ୍ତ
ଉଦ୍ଧୃତ ଓ ବନ୍ଧନୀ ମଧ୍ୟରେ ଆବଦ୍ଧ
ସମୟର ସତେଜ ଅଥଚ ବିଷନ୍ନ ନିର୍ଘଣ୍ଟ
ଯଦି ପାରିବ ଅନୁରାଗପଣିଆକୁ ଅନାବୃତ କରି
ମୁକ୍ତ କରିଦେବ କିଛି ଆବେଗଙ୍କୁ
ବାକି ଅନ୍ୟମାନେ ତ ନିର୍ବାଣ ମୁହାଁ
ଢେର ଅନେକ ଦିନରୁ

ସମ୍ପର୍କର ଝାଉଁବଣରେ ମିଳିବ
କେବେ ଥଣ୍ଡା ମରୁତ ତ କେବେ ତାତିଥିବା ରେତ
ଅବୁଝା କଲମ ଓ ନିବିଡ଼ ପ୍ରେମର ଛାପ
ଏକବାର ପରିପୂରକ

ପଢ଼ିବାର ଚତୁରୀ ଓ ବୁଝିବାର ବାହାଦୁରି
ଯାହା ଖାଲି ଆବଶ୍ୟକ

କଳା କୌଶଳ ଢାଳି ଅକ୍ଷରଙ୍କୁ ଚିହ୍ନିବ
କିଛି ଆଖି ଖୋଲି ପଢ଼ିବ, କିଛି ଆଖି ବନ୍ଦ କରି
ଅନେକଙ୍କ ସହ ହୃଦୟ ସ୍ପନ୍ଦନ
ଯୋଡ଼ିବାକୁ ପଡ଼ିବ
ନିର୍ଲିପ୍ତ ଓ ନିରସ ମନରେ ଡାଇରି ଆବୃତ୍ତି କଲେ
ସାଇତା ହୋଇଥିବା ଚରିତ୍ରମାନେ ହଜିଯିବେ
ସ୍ମୃତିର ଅନ୍ଧାରିଆ ପ୍ରତ୍ନତତ୍ତ୍ୱରେ

ଶବ୍ଦ ତଳ ଭାବ, ଭାବ ତଳ ଲୁହକୁ ପଢ଼ିବ
କମା, ବିନ୍ଦୁ, ବିସର୍ଗ ପଢ଼ିବ
ବେଶି ପଢ଼ିବ ବିନ୍ଦୁ ପର ଉହ୍ୟ ରିକ୍ତ ସ୍ଥାନଗୁଡ଼ିକ,
ମନେରଖ ସେଗୁଡିକରେ ପ୍ରେମ ଅପେକ୍ଷା
ବେଶି ପ୍ରତାରଣାର ସନ୍ଦର୍ଭ ଗଚ୍ଛିତ

ଫାଙ୍କା ଶେଷ ପୃଷ୍ଠାଟିକୁ ଟିକେ ଛୁଇଁବ,
ଦେବ ଆଜି ବି ଓଦାଳିଆ ଲାଗିପାରେ
ସେଥିରେ କେଇବୁନ୍ଦା ଅଦୃଶ୍ୟ ଲୁହ
ଯାହା ଅନେକ ଦିନରୁ ଆଜି ପର୍ଯ୍ୟନ୍ତ
ସାଇତା ହୋଇରହିଛି ସମସ୍ତଙ୍କ
ଆଖି ଆଢୁଆଳରେ

ଅନୁରୋଧ, ଡାଇରିଟିକୁ ଛାତିରେ
କେଇ ମିନିଟ ଚପି ଧରି
ପୁଣି ଯଥା ସ୍ଥାନରେ ସଯତ୍ନରେ ରଖିଦେବ ।


ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦


## ଅନୁଭବର ଋତୁ ବସନ୍ତ


ସୁଶ୍ରୀ ସଙ୍ଗୀତା ସେଠୀ


ଶୀତକୁ ଲୁଚେଇ ପ୍ରକୃତି ଘେନି ନୂଆ ଏକ ଆଭା,
ମୃଦୁ ମଳୟ ସାଥିରେ ବହି ବସନ୍ତକୁ ଆଣି ହୁଏ ଉଭା

ଫଗୁଣକୁ ଦେଇ ନିମନ୍ତ୍ରଣ କୋଇଲିର କୁହୁ ତାନେ,
ଆମ୍ବ ବଉଳ ବାସ ଚହଟାଏ ଖେଳାଇ ବାର୍ତ୍ତା ଗଗନେ

ପତ୍ରଝଡ଼ା ଦେଇ ବୃକ୍ଷଲତା ସବୁ ନୂଆ ହେବାକୁ ପ୍ରସ୍ତୁତ,
ଅଙ୍କୁରିତ ନୂଆ ସମ୍ଭାବନା ସାଥେ ପରିଧାନ ନୂଆ ବସ୍ତ୍ର !

ପତ୍ରଝଡ଼ା ଏକ ଜୀବନଚକ୍ର ବସନ୍ତ ଆଣିଛି ଖବର,
ନୂତନ ଆରମ୍ଭ ସ୍ୱାଦ ଯେ ନିଆରା ଋତୁ ମାଧ୍ୟମେ ବୁଝ ସାର !

ପ୍ରକୃତି ଶିଖାଏ ନିଜକୁ ବଦଳେଇ ଜୀବନର ଗୁଢ଼ ରହସ୍ୟ,
ପୁରୁଣା ହରେଇଲେ ନୂଆର ଉତ୍ପତ୍ତି ଏହାହିଁ ସୃଷ୍ଟି ଉଦ୍ଦେଶ୍ୟ !

ଉଡ଼ାଇ ଫଗୁ ଜୀବନ ରଙ୍ଗେଇ ଝୁଲି ଝୁଲି ଆସେ ଫଗୁଣ,
ବସନ୍ତ ନୁହେଁ ଏ ଅନୁଭବର ଋତୁ ସଜାଏ ପ୍ରେମ ମେଳଣ !

ଅଦ୍ଭୁତ ପୁଲକ ମନେ ଭରିଦିଏ ଏ ନିଆରା ଋତୁ ମାଧୁର୍ଯ୍ୟ,
ନବପଲ୍ଲବର ଋତୁ ଋତୁମଧ୍ୟେ ବସନ୍ତ ସେପାଇଁ ଋତୁରାଜ ।


ଯାଜପୁର


## ଆସୁଛି ଫଗୁଣ ମାସ


ସିଦ୍ଧେଶ୍ୱର ତ୍ରିପାଠୀ


ଗାଁ ମହକୁଛି ବଉଳ ବଉଳ
ଆସୁଛି ଫଗୁଣ ମାସ
ମନେ ପଡିଗଲେ ତୁମ ମିଠା ହସ
ମନେ ଭରେ ଅବସୋସ

ଯେବେଠୁ ଯାଇଛ ମୋଠାରୁ ଦୁରେଇ
ସେବେଠୁ ହସିନି ଥରେ
କେମିତି କହିବି ତୁମରି ସ୍ମୃତିକୁ
ଆଜିବି ଏ ମନ ଝୁରେ

ବେରଙ୍ଗ ଯାହାର କପାଳରେ ଲେଖା
ସେ କାହିଁ ଖୋଜିବ ଦୋଷ
ଗାଁ ମହକୁଛି ବଉଳ ବଉଳ
ଆସୁଛି ଫଗୁଣ ମାସ

ସେଇସବୁ ଋତୁ ପୁଣି ଫେରିଲେ
ମନଡାଳ ଥୁଣ୍ଟା ଦିଶେ
ମଧୁର ସ୍ମୃତିର ପତର ଗୁଡାକ
ଧିରେ ଧିରେ ତଳେ ଖସେ

କେମିତି କହିବି ପ୍ରତିଟି ମୁହୂର୍ତ୍ତ
ଲାଗେ ସବୁ ବିଷ ବିଷ
ଗାଁ ମହକୁଛି ବଉଳ ବଉଳ
ଆସୁଛି ଫଗୁଣ ମାସ ।


କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା


## ମୋ ପ୍ରିୟା ଅଭିମାନିନୀ


ନଳିନୀ ଦାଶ


ଅଭିମାନିନୀ ଗୋ ଲୁହର କାଳିରେ
ଲେଖୁଛି ତୁମକୁ ଚିଠି
ପଢି ସାରି ପ୍ରିୟା ଉତ୍ତର ଲେଖିବ
ଲୁହ ଢାଳୁଅଛି ଏଠି
ତୁମ ବିରହରେ ବଗିଚରେ ମୋର
ଫୁଟୁନି ଗୋଲାପ କଢ଼ି
ଭଅଁର ଆସୁନି ମତୁଆଲା ହୋଇ
ସକାଳୁ ଅଳସ ତଡ଼ି
ଆକାଶ ଛାତିରେ ଜହ୍ନ ଉଇଁନାହିଁ
ଜୋଛନା ଢାଳିନି ମିତ
ଗଛଡାଳେ ବସି ପକ୍ଷୀ ଗାଉଅଛି
ଶୁଭୁଛି ବେସୁରା ଗୀତ
ତୁମେ ନାହଁ ସାଥୀ କୋହ ଭରା ଛାତି
ନିଛାଟିଆ ଲାଗେ ରାତି
ସପନ ମୋ ଭାଙ୍ଗି ଯାଇଅଛ ପ୍ରିୟା
ଆସ ଫେରି ଦିଅ ପ୍ରୀତି
ଫୁଲର ଫଗୁଣ ଆସୁନି ଜୀବନେ
ଶ୍ରାବଣେ ଭିଜୁନି ମନ
ତୁମ ବିନା ଲାଗେ ସଭିଏଁ ନୀରବ
ଚୁନା ହେଲା ମୋ ସପନ
ଭୁଲିଯାଇ ଦୁଃଖ ଫେରିଆସ ପ୍ରିୟା
ହସ ଖୁସି ଦିଅ ଭରି
ନୂତନ ପୁଲକ ଭର ମୋ ଜୀବନେ
ସଂସାର ମୋ ଉଠୁ ପୁରି
ଯନ୍ତ୍ରଣା ଜୁଇରେ ଜଳୁଛି ମୁଁ ଏଠି
ଲୁହର ଜହର ପିଇ
ମନ ମଧୁମତୀ ଆସ ଏ ଜୀବନେ
ସବୁ ତୁମେ ଭୁଲିଯାଇ
ଅଭିମାନିନୀ ଗୋ ଅଭିମାନ ଛାଡି
ଦିଅ ପ୍ରେମରଙ୍ଗ ବୁଣି
ଅଧୁରା ସପନ ହେଉ ମୋ ପୂରଣ
ଲେଖିବି ପ୍ରେମ କାହାଣୀ ।


ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୯୨୩୮୯୯୬୬୪୯


## ବସ୍ତିଝିଅ


ବିଜୟଲକ୍ଷ୍ମୀ ପାଣିଗ୍ରାହି


ବସ୍ତି ତଳିପାରେ
ଚିତ ମାରି ଚେଇଁ ଶୋଇଛି ନିଦ
ବେଶ ଅସ୍ପଷ୍ଟ ତା' ସ୍ୱପ୍ନର ପରିଧି

ଭାଗ୍ୟରେ ଥିବା ନିଦର ବ୍ୟସାର୍ଦ୍ଧ ଆଉ
ପରିସ୍ଥିତିର କ୍ଷେତ୍ରଫଳ
ଏ ଯାବତ କଳି ପାରିନି
ବସ୍ତିର ଝିଅ
ସେଥିପାଇଁ ବୁଝିପାରିନି
ଉତ୍କଳର ଐତିହ୍ୟ ରଚିଥିବା
ନିହାଣ, ମୁଗୁରର ଆତ୍ମକଥା

କେଉଁ ଏକ ରୁଗ୍ଣ ବହିରୁ
ଖସିପଡିଥିବା ଫାଳେ ଫର୍ଦ୍ଦରୁ
ପଢିଥିଲା ବାରବର୍ଷର ଆୟୁଷ
ଆଉ ବାରଶହଙ୍କ ଭାଗ୍ୟ କଥା
ଭାଗ୍ୟ କୁଆଡେ ଗଢ଼ା ହୁଏ
ସମୟ ଇଚ୍ଛାରେ
ସେ ଉଇଁଲା ବେଳକୁ
ଅବେଳ ହୋଇସାରିଥାଏ ବେଳ

ଝୁଲୁଥାଏ ସ୍ୱପ୍ନର କଙ୍କାଳ
ଝଡିପଡିଥିବା ରକ୍ତ ମାଂସ ଭଳି
ତା' ଠିକଣା
ଏକଦମ୍ ବେରଙ୍ଗୀ
ଶ୍ୱେତବର୍ଣ୍ଣା

ବସ୍ତିଝିଅ
ମୁଣ୍ଡିମାରେ କୋଣାର୍କର
ନିଷେଧାଞ୍ଚଳରେ
ନିତି ବିସର୍ଜୁ ଥାଏ ଦେହ
ଦହୁଥାଏ ନିଜ ମନ
ଅହରହ ସାଲିସ କରୁଥାଏ
ସମୟ ସହ/ ସ୍ୱପ୍ନ ସହ/ ଭାଗ୍ୟ ସହ ।


ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦




## କୋଣାର୍କ


ଅନସୂୟା ପଣ୍ଡା


କେତେ କଠିନ ସମୟ ସତେ
ଶତାବ୍ଦୀର ଶ୍ରେଷ୍ଠ କୋଣାର୍କ ଗଢାରେ
ବିତିଥିବ ବାରଶହ ବଢେଇ ସାଥେ
ଅବ୍ୟକ୍ତ ବେଦନାର ଛାଇ ନିଦେ
ଛାତିଏ ଛନକା ମଧ୍ୟେ
ରହୁଥିବେ ପରିବାର ଲୋକେ
ଅନିଶ୍ଚିତ ଫେରିବାର ପଥ ପ୍ରାନ୍ତେ
ଦୁଃଶ୍ଚିନ୍ତାର ବିରହ ସଂଳାପେ
ଯାତନାର ତିଥିକୁ ସଙ୍ଖୋଳି
ନିଦ ଯେତେ ଯାଇଥିବ ହଜି
ଗହଳ ଅନ୍ଧାର ସାଥେ
ମୁହଁ ସବୁ ଭାସୁଥିବ
ଭାବନାର ଫର୍ଦ୍ଦପରେ
ରହି ରହି ଶୁଭୁଥିବ
ଆପଣାର କଣ୍ଠ ସ୍ୱର
ଅକୁହା ଆଶ୍ୱାସନାର
ବିରହେ କଟୁଛି ଦିନ
ଉଦାସ ଲାଗୁଛି ମନ
ସ୍ମୃତି ହୁଏନି ପାଶୋରି
ରହେ ଯୁଗ ଯୁଗ ଧରି
ଝୁରି ହବା ହିଁ ଜୀବନ
ଦେଶ ପାଇଁ ଯାଇଛି ପ୍ରାଣ ।


ବୁର୍ଲା, ସମ୍ବଲପୁର
ମୋ-୮୩୨୮୯୪୫୮୮୫




## କାବ୍ୟ କଳିକା


ବେଣୁଧର ସୂତାର


ହୃଦଅନୁବନ୍ଧ କବିତାର ଛନ୍ଦ
ନିର୍ଲିପ୍ତ ଭାବନା ତୋଳି
ମୁଗ୍ଧ କରେ ଏଇ ହୃଦୟ ବାଟିକା
ପୁଷ୍ପ ସୁରଭି ବୋଲି

ଭାବ ମହଲର ମାଧୁର୍ଯ୍ୟ ଶବ୍ଦର
ମିଠା ମିଠା ପ୍ରୀତି ଛୁଆଁ
ବିମୁଗ୍ଧ ସ୍ୱପ୍ନର ସାତ୍ତ୍ୱିକ ପ୍ରଜ୍ଞାର
ବୋଳଇ ଚନ୍ଦନ ଚୁଆ

ତୃପ୍ତ କରେ କବି ସୁପ୍ତ ଚେତନା
ମୁକ୍ତ ଭାବନା ରାଜି

ଭାବକଳ୍ପର ଏ ମଧୁର ପ୍ଲାବନେ
ରସମୟ ଶବ୍ଦେ ଭିଜି

ଶବ୍ଦ ମଧୁ ଝରେ ହୃଦ ଉପବନେ
ଭଷା ପ୍ରୀତି ସୁଧା ସୁରେ
ଚାରୁ ରୂପ ଚିତ୍ର ଆଙ୍କଇ ମଧୁରେ
ଲେଖନୀର ସୂକ୍ଷ୍ମ ଝରେ

ଶବ୍ଦ ମହକର ଭାବ ଫଲ୍ଗୁ ଧାରେ
କଳ୍ପନାର କୁଞ୍ଜବନେ
ଭାଷା ମାଧୁର୍ଯ୍ୟର ସ୍ନିଗ୍ଧ ଅନୁରାଗ
ଭାବ ସୁଧା ଆହ୍ଲାଦନେ

ଶବ୍ଦର ଅମୃତେ ଭାବ ସମାଶ୍ରିତେ
ଭାଷାର ମହକ ଧାରେ
ଫୁଟି ଉଠେ ମୁଗ୍ଧ କାବ୍ୟ କଳିକା
କବିତାର ସୁରେ ସୁରେ

ଭାଷା ସଂପ୍ରତିର ସ୍ୱପ୍ନିଳ ମାୟାରେ
ବିମୋହିତ କବି ଯହିଁ
କୂଳ ଲଂଘି ଯାଏ ପ୍ରଲୁବ୍ଧ ମାନସ
ସାତ ସିନ୍ଧୁ ତେର ନଈ

କବିତା କାମିନୀ ମତ୍ତ ଉଲ୍ଲସିନୀ
କବିତା କବିର ପ୍ରାଣ
ପାଠକ ଅନ୍ତରେ ଭରିଦିଏ ପ୍ରେମେ
ଶିହ୍ରାରିତ ଶିହରଣ

ଭାବ ଭୂଗୋଳରେ ଲହରିତ ସୁରେ
ରଚେ ଚିତ୍ର ପୁରୀ ମାୟା
ଅମୃତମୟ ଯା ମୂର୍ଚ୍ଛନା ମଧୁର
ନୈସର୍ଗିକ କଳ୍ପ କାୟା ।


କେଶଦୁରାପାଳ, କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬


## ଚିନୁ ତୁମେ ଚାଲିଗଲ


ଶିବାଜୀ ବାହିନୀପତି


ମୋ ହସଲୁହର ସାଥି ହେବ କହି
ଆଉକା ହାତ ଧରିଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚିନୁ ତୁମେ ଚାଲିଗଲ

କହିଥିଲ ମୋତେ ମୁଁ ତୁମର ରାଜା
ତୁମେ ମୋ କନିଆଁ ରାଣୀ
ସାରା ଜୀବନକୁ ଅଧା ରହିଗଲା
ଆମ ଏ ପ୍ରେମ କାହାଣୀ

ଲୁହ କୋହ ମୋର ହେଲେ ସହଚର
ପାଉଥିଲି ବୋଲି ଭଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚିନୁ ତୁମେ ଚାଲିଗଲ

କହିବି ପାରୁନି ସହିବି ପାରୁନି
ଏମିତି ଅଦେଖା ମୋହ
କେମିତି ବଞ୍ଚିବି ଏସାରା ଜୀବନ
ହଜାଇ ମୋ ପରିଚୟ

ଭୁଲି ପାରିବିନି ସହଜରେ କେବେ
ଯେଉଁ ଉପହାର ଦେଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚିନୁ ତୁମେ ଚାଲିଗଲ ।


କେ.ଟି.ଭି. କାର୍ଯ୍ୟାଳୟ, କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ମୋ-୮୨୪୯୫୮୦୩୭୪


## ପ୍ରେମ..


ରାମଚନ୍ଦ୍ର ବେହେରା


ଆଖିରେ ଆଖି ମିଳିଲେ ଥରେ
ହୁଅଇ ପରିଚୟ
ତାପରେ ହୁଏ ମିଠା ବାରତା
ଭାବର ବିନିମୟ

ଭାବ ବଢିଲେ ନିଦ ହଜଇ
ଚଂଚଳ ହୁଏ ମନ
ମନ କଥାକୁ ବୁଝି ପାରିଲେ
ଜନମ ନିଏ ପ୍ରେମ

ପ୍ରେମ ପରଶେ ସପନ ଆସେ
ବାନ୍ଧିବା ପାଇଁ ବସା
କେଉଁ କାମରେ ମନ ଲାଗେନା
ଘାରଇ ମନେ ନିଶା

ନହେଲେ ଭେଟ ଲାଗେ ଏକାନ୍ତ
ମେସେଜଟିଏ ଯାଏ
ମୋବାଇଲରେ ଉତ୍ତର ଆସେ
ଆନନ୍ଦ ଅଶ୍ରୁ ବହେ

ବାର୍ତ୍ତାଳାପରେ ପ୍ରଭେଦ ହେଲେ
ହୁଅଇ ଦୁର୍ବିସହ
ସହି ହୁଏନି ମନର କୋହ
ଆଖିରୁ ଝରେ ଲୁହ

ଦୁଇଟି ମନ ଏକାଠି ହେଲେ
ମିଳେ ପ୍ରୀତି ପରଶ
ହସ ଖୁସିରେ ସମୟ ବିତେ
ପ୍ରତୀକ୍ଷା ହୁଏ ଶେଷ

ଦୁହେଁ ଦୁହିଁଙ୍କୁ କଲେ ବିଶ୍ୱାସ
ପ୍ରେମର ହୁଏ ଜୟ
ଜୀବନ ତରୀ ବଢେ ଆଗକୁ
ନଥାଏ ମନେ ଭୟ !


ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୦୧ ମାର୍ଚ୍ଚ ୨୦୨୪ ଶୁକ୍ରବାର













ଦେବଗଡ ଓ ଅନୁଗୁଳ ଜିଲ୍ଲା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ବିଭିନ୍ନ ବିକାଶ କାର୍ଯ୍ୟ ସମୀକ୍ଷା କରିବା ସହ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦକଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱାସ୍ଥ୍ୟ ବିଭାଗର...

ଓ ଓଡ଼ିଶା ନର୍ସିଂ ସେବା ଚୟନ ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ-୨୦୧୯ର ପୁନଃ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଭାରତୀୟ ନର୍ସିଂ ପରିଷଦର ନିୟମାବଳୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜାରି ଭାରତୀୟ ଜନସ୍ୱାସ୍ଥ୍ୟ ପରିମାପକ ସଂଶୋଧିତ ନିୟମାବଳୀ-୨୦୨୨ ଅନୁସାରେ ରାଜ୍ୟ ସରକାର ଅନୁରୂପ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ । ନର୍ସିଂ ଅଧିକାରୀମାନଙ୍କ ଉପଯୁକ୍ତ ବୃତ୍ତିଗତ ପ୍ରୋତ୍ସାହନ ପାଇଁ ଓଡ଼ିଶା ନର୍ସିଂ ସେବା କ୍ୟାଡ଼ରର ପୁନର୍ଗଠନ ପ୍ରସ୍ତାବକୁ ସାଧାରଣ ପ୍ରଶାସନ ଓ ଅର୍ଥ ବିଭାଗ ଦ୍ୱାରା ମଧ୍ୟ ମଞ୍ଜୁରୀ ମିଳିଛି।

ଓଡ଼ିଶା ନର୍ସିଂ ସେବା କ୍ୟାଡରରେ ଏବେ ଅତିରିକ୍ତ ୩୯୯ଟି ନୂଆ ପଦବୀ ସୃଷ୍ଟି ହୋଇଛି । ଏବେ ଓଡ଼ିଶା ନର୍ସିଂ ସେବା କ୍ୟାଡ଼ରରେ ମୋଟ ୨୮୨୮୫ଟି ମୂଳ ପଦବୀ ରହିଛି। ସେଥିରୁ ୧୧୯୪୩ଟି ପଦବୀକୁ ଉଚ୍ଛେଦ କରି ନୂତନ ଭାବେ ୭୯୯୭ଟି ବରିଷ୍ଠ ନର୍ସିଂ ଅଧିକାରୀ ପଦବୀ ସୃଷ୍ଟି ଓ ଆନୁପାତିକ ଭାବେ ପଦୋନ୍ନତିଭିତ୍ତିକ ପଦବୀ ବୃଦ୍ଧି କରାଯାଇ ମୋଟ ପଦବୀ ସଂଖ୍ୟା ୨୮୬୮୪ କରାଯାଇଛି । ନର୍ସିଂ ଅଧିକାରୀଙ୍କଠୁ ଆରମ୍ଭ କରି ସହାୟକ ନର୍ସିଂ ଅଧିକ୍ଷକଙ୍କ ପର୍ଯ୍ୟନ୍ତ ବରିଷ୍ଠତା ତାଲିକା, ନର୍ସିଂ ନିର୍ଦ୍ଦେଶକସ୍ତରରେ ଓ ତଦୁର୍ଦ୍ଧ ଅଧିକାରୀଙ୍କ ବରିଷ୍ଠତା ତାଲିକା ପ୍ରଶାସନିକ ବିଭାଗସ୍ତରରେ ପ୍ରସ୍ତୁତ କରାଯିବ। ଏହି ବିଭିନ୍ନ ଉଚ୍ଚପଦବୀକୁ ପଦୋନ୍ନତି ପାଇଁ ପୂର୍ବରୁ ଥିବା ସର୍ବନିମ୍ନ ବୟସସୀମାକୁ ହ୍ରାସ କରାଯାଇଛି । ଏହି ପୁନର୍ଗଠନ ଦ୍ୱାରା ରାଜ୍ୟ ସରକାରଙ୍କୁ ବାର୍ଷିକ ୨୪୫କୋଟି ଟଙ୍କାର ଅତିରିକ୍ତ ବୋଝ ବହନ କରିବାକୁ ପଡ଼ିବ।

ସେହିପରି ଓଡ଼ିଶାରେ ରାଜ୍ୟ ଜଳସୂଚନା ବିଜ୍ଞାନ କେନ୍ଦ୍ର ସ୍ଥାପନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଜଳ-ପାଣିପାଗ ତଥ୍ୟର ଏକ ବିସ୍ତୃତ ଭଣ୍ଡାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଜଳସୂଚନା ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରିବ । ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଜଳସୂଚନା ବିଜ୍ଞାନ କେନ୍ଦ୍ରରେ ଜଳସମ୍ପଦ ପରିଚାଳନା, ତଥ୍ୟ ପରିଚାଳନା ଓ ଆଇଟି କ୍ଷେତ୍ରରେ ଜ୍ଞାନ ଥିବା ଦକ୍ଷ ଟିମ ରହିବେ, ଯେଉଁମାନେ କି ନିଜ ସଂସ୍ଥାରୁ ନିୟୋଜିତ ରହିବେ କିମ୍ବା ବାହ୍ୟ ସଂସ୍ଥାରୁ ଆଉଟସୋର୍ସିଂ ଭାବେ କାର୍ଯ୍ୟ କରିବେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଳ-ପାଣିପାଗ ବିଜ୍ଞାନ ତଥ୍ୟ ଆଦାନପ୍ରଦାନକୁ ସୁଗମ କରିବା ପାଇଁ ରାଜ୍ୟ ଜଳସୂଚନା ବିଜ୍ଞାନ କେନ୍ଦ୍ର, ଜାତୀୟ ଜଳସୂଚନା ବିଜ୍ଞାନ କେନ୍ଦ୍ର ସହିତ ନିରବଚ୍ଛିନ୍ନ ସହଯୋଗ କରିବ।

## ବିଭିନ୍ନ ସହରରେ...

ଓ ରାଉରକେଲାର ୨୧,୪୨୭ ବସ୍ତି ବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣ ପତ୍ର ଦିଆଗଲା। ଏଥି ସହିତ ରାଜ୍ୟର ୨୬ଟି ସହରରେ ୬୨୬ଟି ବିଜୁ ଆଦର୍ଶ କଲୋନୀ ଲୋକାର୍ପିତ ହେଲା। ଏହା ଦ୍ୱାରା ୨ ଲକ୍ଷ ପରିବାର ଉପକୃତ ହେଲେ ଏଥି ସହିତ ୨୬ଟି ସହର ବସ୍ତିମୁକ୍ତ ହେଲା। ସହରର ଅନ୍ୟମାନଙ୍କ ପରି ସେମାନେ ମଧ୍ୟ ସବୁ ମୌଳିକ ସୁବିଧା ସୁଯୋଗ ପାଇଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ରାଜ୍ୟର ଡ୍ରିଙ୍କ ଫ୍ରମ ଟ୍ୟାପ୍ କାର୍ଯ୍ୟକ୍ରମ ଓ ସହରାଞ୍ଚଳ ବିକାଶ କ୍ଷେତ୍ରରେ ସାରା ଦେଶ ପାଇଁ ଏକ ମଡେଲ୍। ବ୍ରହ୍ମପୁର ସହରର ସବୁ ପରିବାର ଆଜିଠୁ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ୍ ସୁବିଧା ପାଇଲେ। ଏହା ସହିତ ରାଜ୍ୟର ୮ଟି ସହରରେ ଡ୍ରିଙ୍କ ଫ୍ରମ ଟ୍ୟାପ୍ ସୁବିଧା ମିଳିଲା ବୋଲି ସେ କହିଥିଲେ। ରାଜ୍ୟରେ ବିଶ୍ୱସ୍ତରୀୟ ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶରେ ଏହା ଏକ ବଡ ପଦକ୍ଷେପ ବୋଲି କହି ଭଲ ପିଇବା ପାଣି ୫୦ ପ୍ରତିଶତ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିଥାଏ ବୋଲି ସେ କହିଥିଲେ।

ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀଙ୍କ ଭାଷାରେ ଏହା ସ୍ୱାଧୀନତାଠାରୁ ମଧ୍ୟ ଅଧିକ ଜରୁରୀ। ଆଜି କଟକ ଓ ଭୁବନେଶ୍ୱର ପାଇଁ ଓଡ଼ିଶା ଇଣ୍ଟିଗ୍ରେଟେଡ୍ ସାନିଟେସନ ଇମ୍ପ୍ରୁଭ୍‌ମେଣ୍ଟ ପ୍ରୋଜେକ୍ଟ ଉତ୍ସର୍ଗ କରି ମୁଁ ବହୁତ ଖୁସି। ଏଥି ପାଇଁ ଜାଇକା ସହାୟତାରେ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହା ଦ୍ୱାରା ଭୁବନେଶ୍ୱର ଓ କଟକ ସହରରେ ହୋଇଥିବା ଅଣ୍ଡରଗ୍ରାଉଣ୍ଡ ସ୍ୱିରେଜ୍ ସିଷ୍ଟମ, ନୂଆ ସ୍ୱିରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ଇମ୍ପ୍ରୁଭ୍‌ଡ୍ରେନେଜ୍ ଫାସିଲିଟିଗୁଡିକ ଆମ ସହରର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ ବୋଲି ସେ କହିଥିଲେ।

ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ମଧ୍ୟ ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ ସହର ସହିତ ଅନେକ ସହରରେ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଗଲା। ଏହା ମାଧ୍ୟମରେ ୨.୬୫ ଲକ୍ଷ ବାସିନ୍ଦା ଉପକୃତ ହେବେ । ଏଥି ସହିତ ଉନ୍ନତି ଓ ମୁକ୍ତା ଯୋଜନାରେ ବିଭିନ୍ନ ସହରରେ ୩୬୯୯ଟି ନୂଆ ପାଭେଡ୍ ରୋଡ୍ ଏବଂ ୬୯୬୧ଟି ସିଭିକ୍ ଆମେନିଟି ପ୍ରୋଜେକ୍ଟ ଉତ୍ସର୍ଗ କରାଗଲା। ମୁକ୍ତା ଯୋଜନାର କାର୍ଯ୍ୟକାରିତା ଉପରେ ଆନନ୍ଦ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ମୁକ୍ତା ଯୋଜନାରେ ସବୁକାମ ମା' ମାନଙ୍କ ଦ୍ୱାରା କରାଯାଉଛି ଏବଂ ଭଲ ଭାବରେ ମଧ୍ୟ ଏହିସବୁ କାମ ମା ମାନେ ତୁଲାଉଛନ୍ତି।

ଏହି ଆବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୪ଟି ସହରରେ ୧୧୬୪ କୋଟି ଟଙ୍କା ମୂଲ୍ୟର ୨୭ଟି ଜଳଯୋଗାଣ ପ୍ରକଳ୍ପ ପାଇଁ ଭିତ୍ତି ରଖିଥିଲେ ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ କହିଥିଲେ ଯେ ଆଜି ସୁଦ୍ଧା ୨ ଲକ୍ଷ ୩୫ ହଜାର ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୧୬୩୬ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି । ଆଜି ୪ଟି ମହାନଗର ନିଗମର ୨୧,୪୨୭ ପରିବାରକୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଗଲା। ଏଥି ସହିତ ପାନୀୟ ଜଳ ପ୍ରକଳ୍ପ, ଡ୍ରିଙ୍କ ଫ୍ରମ ଟ୍ୟାପ୍ ପ୍ରକଳ୍ପ, ଉନ୍ନତି ଯୋଜନାରେ ବିଭିନ୍ନ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଏହି ସବୁ ପ୍ରକଳ୍ପ ଗୁଡିକ ୫-ଟି ଉପକ୍ରମରେ ସମ୍ପନ୍ନ ହୋଇଛି।

କାର୍ଯ୍ୟକ୍ରମରେ ଭୂମି ଅଧିକାର ପ୍ରମାଣ ପତ୍ର ପାଇଥିବା ହିତାଧିକାରୀ, କଟକର ସତ୍ୟଭାମା ନାୟକ, ସମ୍ବଲପୁରର ନିଳା ପରିଡା, ରାଉରକେଲାର ରୋଜାଲିନ ରାଉତ ଏବଂ ବ୍ରହ୍ମପୁରର ବନିତା ଘଡେଇ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ଦୀର୍ଘ ବର୍ଷ ଧରି ଆମେ ବସ୍ତି ଭିତରେ ବହୁ ଅସୁବିଧା ମଧ୍ୟରେ ଘର କରି ରହୁଥିଲୁ । ମନରେ ଭୟ ମଧ୍ୟ ଥିଲା କାଳେ କେତେବେଳେ ଘରୁ କିଏ ବାହାର କରିଦେବ। ଆଜି ମୁଖ୍ୟମନ୍ତ୍ରୀ ଭୂମି ପ୍ରମାଣପତ୍ର ପ୍ରଦାନ କରି ଆମ ମନରୁ ଭୟ ଦୂର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆମକୁ ସୁବିଧାରେ ରଖିବାପାଇଁ କଥା ଦେଇଥିଲେ। ସେ ତାଙ୍କ କଥା ରଖିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଆମେ ଅଶେଷ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛୁ।

ସେହିପରି ବ୍ରହ୍ମପୁରର ଡ୍ରିଙ୍କ ଫ୍ରମ ଟ୍ୟାପ୍ ହିତାଧିକାରୀ ଜୟନ୍ତୀ ଗୌଡ କହିଥିଲେ ଯେ ବ୍ରହ୍ମପୁରରେ ପିଇବା ପାଣିର ବହୁ ସମସ୍ୟା ରହିଥିଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ୨୪ ଘଣ୍ଟିଆ ପିଇବା ପାଣି ପାଇବୁ । ସେମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଅଶେଷ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୌର ପ୍ରଶାସନ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶକୁ ଆଗେଇ...

ଅଭିଭାଷଣ ପ୍ରଦାନ କରିଥିଲେ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ମୁଁ ନିଜକୁ ଗୌରାବାନ୍ୱିତ ମନେ କରୁଛି। ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କେବଳ ଭାରତରେ ନୁହେଁ ବିଶ୍ୱରେ ମଧ୍ୟ ସୁନାମ ଆଣିଛନ୍ତି। କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡ. ପ୍ରତିଭା ରାୟ, ଭାରତ ସରକାରଙ୍କ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ ପ୍ରମୁଖ ଏହି ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ।

## ଅଙ୍ଗନବାଡି କେନ୍ଦ୍ର ...

ସମୟରେ ଅଙ୍ଗନୱାଡି କର୍ମୀ ତଥା ସେମାନଙ୍କ ସଙ୍ଗଠନ ଗୁଡିକ ତାଙ୍କୁ ଭେଟି ଏହି ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ।

ଏହି ନୂତନ ଘୋଷଣା ଅନୁଯାୟୀ, ଅଙ୍ଗନୱାଡି କର୍ମୀ ମାନଙ୍କ ମାସିକ ପାରିଶ୍ରମିକ ୭୫୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ମିନି ଅଙ୍ଗନବାଡି କର୍ମୀଙ୍କ ପାରିଶ୍ରମିକ ୫୩୭୫ ଟଙ୍କାରୁ ୭୨୫୦ ଟଙ୍କା ହେଲା । ସେହିପରି ଅଙ୍ଗନୱାଡି ସହାୟିକାଙ୍କ ପାରିଶ୍ରମିକ ୩୭୫୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଗଲା।

ଏହି ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଚଳିତ ଫେବୃଆରୀ ମାସରୁ ବର୍ଦ୍ଧିତ ପାରିଶ୍ରମିକ ନିୟମିତ ଭାବେ ମିଳିବ। ଅକ୍ଟୋବର ୨୦୨୩ରୁ ଜାନୁଆରୀ ୨୦୨୪ - ଚାରି ମାସର ବର୍ଦ୍ଧିତ ବକେୟା ରାଶି ମାର୍ଚ୍ଚ ୫ ତାରିଖ ରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

ସେହିପରି ଅଙ୍ଗନବାଡି କର୍ମଚାରୀଙ୍କ ସେବା ନିବୃତ୍ତିରେ ପାଉଥିବା ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ଏହା ୦୧.୦୪.୨୦୨୪ ଠାରୁ ଲାଗୁହେବ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ଅଙ୍ଗନୱାଡି କର୍ମୀମାନେ ପୂର୍ବରୁ ପାଉଥିବା ୪୦ ହଜାର ଟଙ୍କା ପରିବର୍ତ୍ତେ ୧ ଲକ୍ଷ ଟଙ୍କା ପାଇବେ। ମିନି ଅଙ୍ଗନବାଡି କର୍ମୀମାନେ ୩୦ ହଜାର ଟଙ୍କା ପରିବର୍ତ୍ତେ ୭୫ ହଜାର ଟଙ୍କା ପାଇବେ ଓ ଅଙ୍ଗନବାଡି ସହାୟିକାମାନେ ୨୦ ହଜାର ଟଙ୍କା ପରିବର୍ତ୍ତେ ୫୦ ହଜାର ଟଙ୍କା ପାଇବେ।

ସେହିପରି ସାମାଜିକ ସୁରକ୍ଷା ଦିଗରେ ମୃତ୍ୟୁ କିମ୍ବା ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମନ୍ତେ ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କୁ ୨ ଲକ୍ଷ ଟଙ୍କା ଓ ଆଂଶିକ ଅକ୍ଷମତା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯିବ । ଏହି ସୁବିଧା ମଧ୍ୟ ୦୧.୦୪.୨୦୨୪ରୁ ଲାଗୁ ହେବ।

## ରତ୍ନ ଭଣ୍ଡାର...

ଜିଲ୍ଲାପାଳ ତଥା ଶ୍ରୀ ଜଗନ୍ନାଥ ମନ୍ଦିରର ଉପମୁଖ୍ୟ ପ୍ରଶାସକ, ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ- ସଦସ୍ୟ ଆବାହକ ଭାବରେ କାର୍ଯ୍ୟ କରିବେ।

## ଆଶାଠାରୁ ଅଧିକ...

ଜିଡିପିର ପ୍ରଥମ ସଂଶୋଧନ ଅନୁମାନ ୧୬୦.୭୧ ଲକ୍ଷ କୋଟି ଟଙ୍କା ଥିଲା।


ରାଷ୍ଟ୍ରୀୟ ପରିସଂଖ୍ୟାନ ସଂସ୍ଥା ନିଜର ଦ୍ୱିତୀୟ ସଂଶୋଧିତ ଅନୁମାନରେ କହିଛି ଯେ ୨୦୨୩-୨୪ରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୬ ପ୍ରତିଶତ ରହିପାରେ। ଏନଏସଓ ଆର୍ଥିକ ବର୍ଷ ୨୦୨୨-୨୩ର ଜିଡିପି ଗ୍ରୋଥ ଅନୁମାନକୁ ପୁଣି ଥରେ ସଂଶୋଧନ କରି ୭.୨ ପ୍ରତିଶତରୁ ଏହି ଅନୁମାନ କମ କରି ୭ ପ୍ରତିଶତ କରିଛି । ଏନଏସଓ ପକ୍ଷରୁ ଜାରି ସରକାରୀ ଡାଟା ଅନୁସାରେ ଆର୍ଥିକ ବର୍ଷ ୨୦୨୩-୨୪ରେ ଭାରତର ନୋମିନାଲ ଜିଡିପି ୯.୧ ବୃଦ୍ଧି ହାର ୯.୧ ପ୍ରତିଶତ ରହିପାରେ । ଏହି ସମୟରେ ନୋମିନାଲ ଜିଡିପି ୨୦୨୨-୨୩ରେ ୨୬୯.୫୦ ଲକ୍ଷ କୋଟି ତୁଳନାରେ ୨୯୩.୯୦ ଲକ୍ଷ କୋଟି ଟଙ୍କା ସ୍ତର ପାର କରିବା ଅନୁମାନ କରାଯାଉଛି।

ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ଏହି ବୃଦ୍ଧିର ମୁଖ୍ୟ କାରଣ ମେନ୍ୟୁଫେକଚରିଂ ସେକ୍ଟର, ମାଇନିଂ ଏବଂ ବିନିର୍ମାଣ କ୍ଷେତ୍ରରେ ସୁଧାର। ଉଲ୍ଲେଖଯୋଗ୍ୟ ଯେ ଏହି ଅବଧିରେ ବିନିର୍ମାଣ କ୍ଷେତ୍ର ଦୁଇ ଅଙ୍କର ବୃଦ୍ଧି ହାର (୧୦.୭) ରେକର୍ଡ କରିଛି । ସେହିପରି ମେନ୍ୟୁଫେକଚରିଂ ସେକ୍ଟରରେ ୮.୫ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ରଙ୍କୁ ସମ୍ମାନସୂଚକ ଡି.ଲିଟ୍ ଉପାଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ସମାରୋହରେ ସମ୍ମାନସୂଚକ ଡି.ଲିଟ୍ ଉପାଧିରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଆୟୋଜିତ ଭବ୍ୟ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ମିଶ୍ରଙ୍କୁ ଡି. ଲିଟ୍ ଉପାଧିରେ ସମ୍ମାନିତ କରିଥିଲେ । ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଉପସ୍ଥିତ ଥିଲେ।



୧୯୭୨ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଡକ୍ଟର ମିଶ୍ରଙ୍କର ଦୀର୍ଘ ୫୦ ବର୍ଷରୁ ଅଧିକ ସମୟର ପ୍ରଶାସନିକ ଅଭିଜ୍ଞତା ରହିଛି। ସେ ଗୁଜରାଟ ସରକାର ଏବଂ ଭାରତ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଷ୍ଠା ଓ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଡକ୍ଟର ମିଶ୍ରଙ୍କର ପ୍ରଶାସନିକ ସେବା ବ୍ୟତୀତ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ବିଶେଷ ଖ୍ୟାତି ରହିଛି। ସମ୍ପ୍ରତି ଓଡ଼ିଶା ଗସ୍ତରେ ଥିବା ଡକ୍ଟର ପି.କେ ମିଶ୍ର ଆସନ୍ତାକାଲି କିଟ୍ ଓ କିସ୍ ଗସ୍ତ କରି ଛାତ୍ରଛାତ୍ରୀଙ୍କୁ ସାମ୍ବୋଧିତ କରିବେ । ସେ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଆଇଏମଟି ପରୀକ୍ଷାଗାର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ପୁରୀ ଗସ୍ତ କରି ଶ୍ରୀମନ୍ଦିର ବିକାଶ ପ୍ରକଳ୍ପର ସମୀକ୍ଷା ମଧ୍ୟ କରିବେ ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ କୃଷି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଯୋଗାଣ

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଝାରସୁଗୁଡ଼ାରେ ଜୀବିକା ସମୃଦ୍ଧି ପ୍ରକଳ୍ପ ବେଦାନ୍ତ ଆଲୁମିନିୟମର ଏକ କୃଷି ଭିତ୍ତିକ ସ୍ଥାୟୀ ଜୀବିକା ନିର୍ବାହ ପଦକ୍ଷେପ ଆଜି ଅଂଚଳର ଚାଷୀମାନଙ୍କୁ ସ୍ମାର୍ଟ ଉଦ୍ୟୋଗୀ ଭାବେ ପରିଣତ କରି କୃଷିର ସ୍ଥାୟୀ ତଥା ଅଭିନବ ପଦ୍ଧତି ପ୍ରଚଳନ କରିଛି । ଜୀବିକା ସମୃଦ୍ଧି ପ୍ରକଳ୍ପର ଚିନ୍ତାଧାରା ସୁଦୂର ପ୍ରସାରୀ । ଜଳବାୟୁ ସ୍ମାର୍ଟ କୃଷି ଅଭ୍ୟାସ ଓ ସହଯୋଗି ହସ୍ତକ୍ଷେପ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ୪୦୦ରୁ ଅଧିକ ଚାଷୀଙ୍କ ଜୀବନରେ ପରିବର୍ତ୍ତନ ଆସିଛି । ବର୍ତ୍ତମାନ ତୃତୀୟ ପର୍ଯ୍ୟାୟରେ ଜିଲ୍ଲାରେ ପରମାଣପୁର,କୁମୁଦାପାଲୀ ଓ ଡାଲକି ଗାଁରେ ଆଉ ୫୦୦ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟ ରଖିଛି । ଉତମ ଉତ୍ସ ସହ କୃଷକମାନଙ୍କୁ ସଶକ୍ତ କରିବା ଗ୍ରାମୀଣ କୃଷକମାନଙ୍କ ପାଇଁ କୃଷି କ୍ଷେତ୍ରରେ ଦେଖାଦେଉଥିବା ସବୁ ପ୍ରକାର ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତି ସହ ଅନୁର୍ବର ଜମିକୁ ଉର୍ବର କରିବା ଓ ସ୍ଥିର ଫସଲ ଅମଳକୁ ନିଶ୍ଚିତ କରିବା ପାଇଁ ମାର୍ଗଦର୍ଶନ ଦିଆଯାଉଛି । ଜୈବ କୃଷି ଉପରେ ଧ୍ୟାନ ଦେଇ ଭର୍ମି କଂପୋଷ୍ଟ ବ୍ୟାଙ୍କ ସ୍ଥାପନ ଓ ମାଟିର ଉର୍ବରତା ବୃଦ୍ଧି ପାଇଁ ବାୟୋ ଖତ ଭଳି ଅଭ୍ୟାସ ଉପରେ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି । ଅଧିକନ୍ତୁ ଏହି କାର୍ଯ୍ୟ କୃଷି ପ୍ରକଳ୍ପକୁ ଉତ୍ସାହିତ କରୁଛି । ମାଛ ଚାଷକୁ ପାରଂପାରିକ କୃଷି ସହ ଏକୀକୃତ କରି କୃଷକମାନେ ନୂଆ ବଜାର ସୃଷ୍ଟି କରିପାରୁଛନ୍ତି । ଏହା ବ୍ୟତୀତ ବିଶେଷଜ୍ଞଙ୍କ ଉପଯୁକ୍ତ ତାଲିମ ଓ ଏକ୍ସପୋଜର ପରିଦର୍ଶନ କୃଷକମାନଙ୍କୁ ସ୍ମାର୍ଟ ଜଳବାୟୁ ସଂପର୍କରେ କୃଷି ଅଭ୍ୟାସ ଜରିଆରେ ସଶକ୍ତ କରୁଛି । କେବଳ କୃଷି ଉତ୍ପାଦନ ନୁହେଁ ବରଂ ଗାଁରେ ଚାଷୀମାନଙ୍କ ପାଇଁ ପରିବେଶ ସ୍ଥିରତା ଓ ଅର୍ଥନୈତିକ ସମୃଦ୍ଧି ଆଣିବାରେ ସାହାଯ୍ୟ କରୁଛି । ପ୍ରଚୁର ଅମଳ ଜୀବିକା ସମୃଦ୍ଧିର ଅଂଶ ସ୍ୱରୂପ କୃଷକମାନେ ବର୍ଷ ବର୍ଷ ଧରି ଚାଷ କାମରେ ନିୟୋଜିତ ରହି ଜଳସେଚନ ସୁବିଧା ଯୋଗୁଁ ବର୍ଷା ଉପରେ ନିର୍ଭର ନକରି ବିଭିନ୍ନ ଫସଲ ଉତ୍ପାଦନ କରୁଛନ୍ତି । ଧାନ ଚାଷ ଓ ନଗଦ ଫସଲ ପଦ୍ଧତି ଯୋଗୁଁ ଉତ୍ପାଦନ ବୃଦ୍ଧି ହୋଇଛି କୃଷକଙ୍କ ମାସିକ ଆୟ ବଢିଛି । ଏହି ପ୍ରକଳ୍ପ ଯୋଗୁଁ ୭୭% କୃଷକଙ୍କ ୫୦% ଆୟ ବଢାଇବାରେ ସାହାଯ୍ୟ କରିଛି । ଏହି ପ୍ରକଳ୍ପ ସହିତ ଜଡ଼ିତ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ମନୋରଂଜନ ନନ୍ଦ କହିଛନ୍ତି ଯେ ଜୀବିକା ସମୃଦ୍ଧି ଯୋଜନା ଦ୍ୱାରା ବହୁ ସଂଖ୍ୟକ ଚାଷୀ ଉନ୍ନତ ଚାଷ ପ୍ରଣାଳୀ ଓ ଜଳର ଉତମ ଉପଯୋଗ କରି ଲାଭବାନ ହୋଇ ପାରୁଛନ୍ତି। ମୁଁ ଆଶା କରୁଛି ଏହି ଅଭ୍ୟାସ ଦ୍ୱାରା ସେମାନେ ଭବିଷ୍ୟତରେ ନିଜର ସମୃଦ୍ଧି କରିପାରିବେ। ଏକ ସବୁଜ ଭବିଷ୍ୟତ ଉଦ୍ଦେଶ୍ୟରେ ପଦକ୍ଷେପ ଜୀବିକା ସମୃଦ୍ଧି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ଏକ ଭବିଷ୍ୟତ ଅଭିମୁଖୀ ପଦକ୍ଷେପ ଏହା କେବଳ ଜୀବନ ଓ ଦୃଶ୍ୟପଟକୁ ପରିବର୍ତ୍ତନ କରେ ନାହିଁ ବରଂ ଏହି ପ୍ରକଳ୍ପର ପ୍ରଭାବ କୃଷି ଠାରୁ ଅଧିକ ସମୃଦ୍ଧି ଆଣିବାରେ ସହାୟକ ହୋଇଛି ।



**GOVERNMENT OF ODISHA, DEPARTMENTOF WATER RESOURCES** A-1635

**Office of the Engineer-In-Chief, Water Resources, Secha Sadan, Bhubaneswar**

Email Address: cemech.eicwr.od@gmail.com

**e-Procurement Notice- Bid Identification No.- CEM/MDS-07/ 2023-24**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM/MDS - 07/2023-24 |
| 5. | Tender Value | : Rs. 45,37,664.00 |
| 6. | Period of Completion | : 02(Two) calendar months. |
| 7. | Date & time of availability of bid documents in the Portal | : From dt.04.03.2024 (10.00 AM) to dt.13.03.2024 (5.30 PM) |
| 8. | Last date/ time for receipt of bid in the Portal | : dt.13.03.2024 (up to 5.30 PM) |
| 9. | Date and Place of opening of Technical Bid | : dt.14.03.2024 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32031/11/0016/2324

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-89-23

**କାର୍ଯ୍ୟର ବିବରଣୀ:** ଟ୍ରାକ୍ସନ ସବ୍‌ଷ୍ଟେସନ, ଲୋକୋ ସେଡ୍ ଏବଂ Loco's (ପାରମ୍ପରିକ ବିଦ୍ୟୁତ୍ ପାସେଞ୍ଜର ଲୋକୋ, 3-ଫେଜ୍ ରିଜେନରେଟିଭ ପାସେଞ୍ଜର ଲୋକୋ, ପାରମ୍ପରିକ ବିଦ୍ୟୁତ୍ ଗୁଡ୍‌ସ ଲୋକୋ, 3-ଫେଜ୍ ରିଜେନରେଟିଭ ଗୁଡ୍‌ସ ଲୋକୋ ଏବଂ ଡିଜେଲ ଲୋକୋ (ସଦ୍ୟତମ)ର ଅନିବାର୍ଯ୍ୟ ଏନର୍ଜି ଅଡିଟ୍ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 4,30,700/-, EMD (₹): 8,600/- ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-90-23

**କାର୍ଯ୍ୟର ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର ସେଟେଲମେଣ୍ଟ ଏରିଆରେ ସାଇକ୍ଲୋନ୍ ପ୍ରତିରୋଧକ LT ଅଣ୍ଡରଗ୍ରାଉଣ୍ଡ୍ କେବୁଲିଙ୍ଗ୍ ସିଷ୍ଟମ୍ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 95,05,900.26, EMD (₹): 1,90,100/- ।

ଶେଷ ହେବା ଅବଧି : 3 ମାସ (କ୍ରମ ସଂ.1 ପାଇଁ) ଏବଂ 6 ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.15.03.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/
ଖୋର୍ଦ୍ଧା ରୋଡ଼

PR-1132/O/23-24

**ଭାରତ ସରକାର**

**ପୂର୍ବ ତଟ ରେଳପଥ**

**ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ**

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୪୭ ତା. ୨୦/୦୨/୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି । ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ ।

**୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩**

**ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮୯/୮ | ୧୦୧/୧୦୧୫ | ଶାରଦ ଜଳ-୩ | ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା | ୦.୭୨୦ | ୦.୨୨୦ | |
| | | | | ମୋଟ | | ୦.୨୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨),
ପୂର୍ବ ତଟ ରେଳପଥ, ଅନୁଗୁଳ

PR-129/CG/23-24

ଭୁବନେଶ୍ୱର
୦୧ ମାର୍ଚ୍ଚ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24







ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଓ ବିଶିଷ୍ଟ ବ୍ୟକ୍ତିମାନେ। (ଫଟୋ : ସମ୍ବାଦ କଳିକା)

# ଜୀବନ ବ୍ୟାପୀ ସାଧନା ଲାଗି ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ସମ୍ମାନିତ

**ଭୁବନେଶ୍ୱର, ୨୯/୨**
**ନ୍ୟୁଜ ବ୍ୟୁରୋ**

ଜାତି ନନ୍ଦିଘୋଷ କନକ୍ଲେଭରେ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ ହୋଇଛନ୍ତି। ଜୀବନ ବ୍ୟାପୀ ସାଧନା ଲାଗି ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ, ଚଳଚ୍ଚିତ୍ର ଜଗତର ସ୍ୱର୍ଦ୍ଧିତ ସ୍ୱର ତାନସେନ ସିଂ, ଗବେଷକ, ସାହିତ୍ୟିକ, ଚିନ୍ତାନାୟକ ଡକ୍ଟର ଗୌରାଙ୍ଗ ଚରଣ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହ ଏକାମ୍ର ପ୍ରକଳ୍ପ ପରାମର୍ଶଦାତା ଓ ଆଦିତ୍ୟ ବିର୍ଲା ଗ୍ରୁପର ପୂର୍ବତନ ଗ୍ଲୋବାଲ ସିଇଓ



ଡକ୍ଟର ସନ୍ତୃପ୍ତ ମିଶ୍ରଙ୍କୁ ବି ସମ୍ମାନିତ କରାଯାଇଥିଲା ।
ସେହିପରି କବୟିତ୍ରୀ ଡକ୍ଟର ପ୍ରୀତିଧାରା ସାମଲ, ଫିଟନେସ ମେଣ୍ଟର ସୀମାଞ୍ଚଳ ବାରିକ, ଗାୟକ ସୌରଭ ଭରଦ୍ୱାଜ, ବରିଷ୍ଠ ଆଇନଜୀବୀ ସିତାଂଶୁ ଦ୍ୱିବେଦୀ, ସିଦ୍ଧାର୍ଥ ଦାସ, ମଧୁମାଧବ ଜେନା, ଡିଏନ ଗ୍ରୁପ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାୟକ, ଖିମ୍‌ଜୀ ଗ୍ରୁପ ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଜୟ ଭାରତ ସ୍ୱାଇସ ଏମଡି ସୁଶାନ୍ତ ପଣ୍ଡା ପ୍ରମୁଖଙ୍କୁ ଦିଆଯାଇଥିଲା ସମ୍ବର୍ଦ୍ଧନା।

# ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନ ଏବଂ ଉତ୍ତୋଳନ ପାଇଁ ୟୁକେ-ଇଣ୍ଡିଆ ପାର୍ଟନରସିପ୍ କର୍ମଶାଳା

**ଭୁବନେଶ୍ୱର, ୨୯/୨**
**ନ୍ୟୁଜ ବ୍ୟୁରୋ**

କ୍ରିଟିକାଲ୍ ମିନେରାଲ୍ସ (ଏକ୍ସପ୍ଲୋରେସନ୍ ଏବଂ ଏକ୍ସଟ୍ରାକସନ୍) ଉପରେ ୟୁକେ-ଇଣ୍ଡିଆ ଇଣ୍ଡଷ୍ଟ୍ରି-ଏକାଡେମୀ ସ୍କୋପିଂ କର୍ମଶାଳା ୨୭-୨୮ ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା କାର୍ଯ୍ୟାଳୟ ଓ ୟୁକେ ପ୍ରୋସେସ୍ ଇନୋଭେସନ୍ କେନ୍ଦ୍ରର ପ୍ରୟାସ କ୍ରମେ ବ୍ରିଟିଶ ହାଇକମିଶନ, ନୂଆଦିଲ୍ଲୀ ଦ୍ୱାରା ସମର୍ଥିତ ବ୍ରିଟେନ-ଇଣ୍ଡିଆ କ୍ରିଟିକାଲ ମିନେରାଲ୍ସ ପାର୍ଟନରସିପ୍ ପଦକ୍ଷେପ ଅଧୀନରେ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର (ବିସିସିଆଇ) ଦ୍ୱାରା ଏହି କାର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ରୁ ଅଧିକ ଅଂଶଗ୍ରହଣକାରୀ ଏକାଡେମୀ, ଗବେଷଣା ଓ ବିକାଶ ସଂଗଠନ, ଇଣ୍ଡଷ୍ଟ୍ରିଜ୍, ନୀତି ନିର୍ମାତା ଏବଂ



ଷ୍ଟାର୍ଟଅପ୍ ବ୍ରିଟେନର ୨୭ ଜଣ ଅଂଶଗ୍ରହଣ କରି ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। କିଟ୍‌ର ବିସିକେଆଇସି ଏବଂ ଆର. ଆଣ୍ଡ ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ସମ୍ବର୍ଦ୍ଧନା ଦେଇ କର୍ମଶାଳାର ଅନୁସରଣ ଭାବରେ ଏକ ଫଳାଫଳ ଭିତ୍ତିକ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।
ସେହିପରି ନୂଆଦିଲ୍ଲୀସ୍ଥିତ ବ୍ରିଟିଶ ହାଇକମିଶନର ଟେକ୍ ଆଣ୍ଡ ଇନୋଭେସନର ମୁଖ୍ୟ ଯଶୁଆ ବାମଫୋର୍ଡ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଏ କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହିତ କରିବାକୁ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା କାମନା କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ ଏହି ବିଷୟ ବସ୍ତୁ ଉପରେ ଉଭୟ ଦେଶରୁ ଉଚ୍ଚ ସ୍ତରୀୟ ବୁଦ୍ଧିଜୀବୀଙ୍କ ଏପରି ସମାବେଶ ବ୍ୟାପକ ସୁଯୋଗ ଆଣିବ।
ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡୋ-ପାସିଫିକ୍ ଏବଂ କ୍ରିଟିକାଲ୍ ମିନେରାଲ୍ସ ବିତରଣ ଅନ୍ତର୍ଜାତୀୟ ଶକ୍ତି ୟୁନିଟ୍ ଟିମ୍ ଲିଡର ଜୋସେଫ ମାନସୁର, CSIR – IMMT ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ବ୍ରିଟେନ ସରକାର ବ୍ୟବସାୟ ଏବଂ ବାଣିଜ୍ୟ ବିଭାଗ ପ୍ରତିନିଧି ଶ୍ରୀମତୀ ଆନ୍ନା ଗିବନ୍ସ ମଧ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ।
ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା ଇଂଲଣ୍ଡ ଏବଂ ଭାରତରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନ ଏବଂ ଉତ୍ତୋଳନ ଏବଂ ଉଭୟ ଇଂଲଣ୍ଡ ଏବଂ ଭାରତରେ ସୁଯୋଗ ଉପରେ ଗବେଷଣା ଏବଂ ନବସୃଜନ ଏବଂ ନୀତିଗତ ଜ୍ଞାନ ହାସଲ କରିବା। ଏହା ସହ ଆହ୍ୱାନର ମୁକାବିଲା ପାଇଁ ଏକାଡେମୀ, ଉଦ୍ଭାବକ, ନିବେଶକ ଏବଂ କମ୍ପାନୀର ଏକ ୟୁକେ-ଇଣ୍ଡିଆ ସମ୍ପ୍ରଦାୟ ସୃଷ୍ଟି କରିବା ଏବଂ ସର୍ବୋତ୍ତମ ଅଭ୍ୟାସ ଓ ବ୍ୟବସାୟିକ ସୁଯୋଗ ଚିହ୍ନଟ କରିବାରେ ସାହାଯ୍ୟ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ




## ପୁଲିସକୁ ମୂର୍ତ୍ତିଚୋରଙ୍କ ଚ୍ୟାଲେଞ୍ଜ
## ୧୩ ଦିନରେ ୩ ମନ୍ଦିରରୁ ଲୁଟ୍

**ପୁରୀ, ୨୯/୨ ନ୍ୟୁଜ ବ୍ୟୁରୋ**

ପୁଣି ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ମୂର୍ତ୍ତି ଚୋର। ୧୩ଦିନ ମଧ୍ୟରେ ପୁରୀ ସହର ମଧ୍ୟରୁ ତୃତୀୟ ମନ୍ଦିରରୁ କରିଛନ୍ତି ଲୁଟ୍। ଏଥର ବି ମୂର୍ତ୍ତି ଲୁଟେରାଙ୍କ ଟାର୍ଗେଟରେ ମହାଦେବ ମନ୍ଦିର। ପ୍ରଥମେ ମୁକ୍ତେଶ୍ୱର ମନ୍ଦିର ଦ୍ୱିତୀୟରେ କପାଳମୋଚନ ମନ୍ଦିର ପରେ ଗୁଣ୍ଡିଚା ବିହାରସ୍ଥିତ ଚନ୍ଦ୍ରଶେଖର ମନ୍ଦିରରୁ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ତେବେ ଗୋଟିଏ ଘଟଣାରେ ଯଦିଓ ପୁଲିସକୁ ସଫଳତା ମିଳିଛି ହେଲେ କାର୍ଯ୍ୟାନୁଷ୍ଠାନକୁ ଭୟ ନ କରି ପୁଣି ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଚୋର। ଦୀର୍ଘଦିନ ପରେ ସହରରେ ମୂର୍ତ୍ତି ଚୋର ସକ୍ରିୟ ହେବା ନେଇ ଏବେ ଚିନ୍ତାରେ ପଡିଛନ୍ତି ବିଭିନ୍ନ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା।

# ବିଶ୍ୱବିଦ୍ୟାଳୟ ଓ କଲେଜ କ୍ୟାମ୍ପସରେ ସୂଚନା ବ୍ୟାନର ଲଗାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯/୨ ନ୍ୟୁଜ ବ୍ୟୁରୋ**

ବିଶ୍ୱବିଦ୍ୟାଳୟ ଓ କଲେଜ କ୍ୟାମ୍ପସର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୂଚନା ବ୍ୟାନର ଲଗାଇବେ। ଏହା ସହ ଛାତ୍ର ଅଭିଯୋଗ ନିୟମାବଳୀ- ୨୧୨୩ ବିଷୟରେ ୱେବସାଇଟ୍ ଓ ବୁଲେଟିନରେ ବିବରଣୀ ପ୍ରକାଶ କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ -ୟୁଜିସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଫେବୃଆରୀ ୫ ତାରିଖରେ ବିଶ୍ୱବିଦ୍ୟାଳୟ କୁଳପତି ଓ ଓମ୍ବୁଡସମ୍ୟାନଙ୍କ ସହ ୟୁଜିସି ଅଧ୍ୟକ୍ଷ ମମିଦାଲା ଜଗଦେଶ କୁମାର ବୈଠକ କରି ଏହି ନିୟମର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ପ୍ରସ୍ତୁତ ବ୍ୟବସ୍ଥାଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସେହିପରି ଓମ୍ବୁଡସମ୍ୟାନ ଓ କୁଳପତିମାନେ ପର୍ଯ୍ୟାୟକ୍ରମେ ଏନେଇ ବୈଠକ କରିବେ। ନିୟମ କାର୍ଯ୍ୟକାରିତାର ସମୀକ୍ଷା କରାଯିବ। ଏଥିପାଇଁ ନିୟମିତ ଯୋଗାଯୋଗ ଓ ସମୀକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। BJB opens, parents wary - Telegraph India ପ୍ରତ୍ୟେକ ସେମିଷ୍ଟର ଆରମ୍ଭରେ ବା ୬ ମାସରେ ଓମ୍ବୁଡସମ୍ୟାନ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଠକ ବସିବ। ଏହା ଖୋଲା ସଂଳାପକୁ ସୁଗମ କରିବ, ଚିନ୍ତାଧାରାକୁ ଫଳପ୍ରଦ ଭାବରେ ସମାଧାନ କରିବ ଏବଂ ନିୟମାବଳୀ ଧାର୍ଯ୍ୟ ଅନୁଯାୟୀ କାର୍ଯ୍ୟ କରିବା ନିଶ୍ଚିତ କରିବ । ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ ପାଇଁ ଏକ କମିଟି ଗଠନ କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଗତବର୍ଷ ଏପ୍ରିଲ ମାସରେ ୟୁଜିସି କହିଥିଲେ ଏବଂ ଓମ୍ବୁଡସମ୍ୟାନ ନିଯୁକ୍ତ କରିଥିଲେ । ଯେଉଁମାନେ ପରୀକ୍ଷା, ଫି, କ୍ୟାମ୍ପସ୍ ରିଗିଂ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଛାତ୍ରମାନଙ୍କୁ ସାହାଯ୍ୟ କରିବେ। ପିଲାମାନଙ୍କ ଉଚ୍ଚଶିକ୍ଷାରେ ସହାୟତା ପାଇଁ ଯୁଗାନ୍ତକାରୀ ନୂଆ ଓ ବୃତ୍ତି ଦିଆଯାଉଛି। ଆସନ୍ତା ୫ ବର୍ଷ ଭିତରେ ୫ ଲକ୍ଷ ୧୨ ହଜାର ଛାତ୍ରଛାତ୍ରୀଙ୍କୁ ଏହା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

# ଭିଜିଲାନ୍ସ ଜାଲରେ ଇଏସ୍‌ଆଇ ମେଡିକାଲ କିରାଣି

**ରାଉରକେଲା, ୨୯/୨ ନ୍ୟୁଜ ବ୍ୟୁରୋ**



ଭିଜିଲାନ୍ସ ଜାଲରେ ରାଉରକେଲା ଇଏସ୍‌ଆଇ ମେଡିକାଲର ବରିଷ୍ଠ କିରାଣି । ଜେଲ୍ ରୋଡ୍ ଇଏସ୍‌ଆଇ ମେଡିକାଲର ବରିଷ୍ଠ କିରାଣି ଅଭିରାମ ସାହୁଙ୍କୁ ଧରିଲା ଭିଜିଲାନ୍ସ । ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଅଭିରାମ ଧରାପଡ଼ିଛନ୍ତି । ବିଶ୍ୱନାଥ ସିଂ ନାମକ ଜଣେ ବ୍ୟକ୍ତିଙ୍କର ଏକ ବିଲ୍ ପାସ୍ କରିବାକୁ ସେ ଏହି ଲାଞ୍ଚ ନେଉଥିଲେ । ଲାଞ୍ଚ ଅର୍ଥ ଜବତ କରିବା ସହ ଅଭିରାମଙ୍କୁ ପଚରାଉଚୁରା କରୁଛି ଭିଜିଲାନ୍ସ । ୨ଟି ସ୍ଥାନରେ ରେଡ୍ କରି ଖୋଳତାଡ଼ କରୁଛି ଭିଜିଲାନ୍ସର ସ୍ୱେଶାଲ୍ ଟିମ୍ ।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ପ୍ରକାଶ ପାଇବାକୁ ଯାଉଛି...**

**'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ, ମାର୍ଚ୍ଚ ୨୦୨୪ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର ଦାଶ, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।

**ଅନ୍ୟଭାଷାର କଥା :** ଶ୍ରୀମତୀ ସୁପ୍ରଭା ରାୟ , ଶ୍ରୀମତୀ ରେବା ପଟ୍ଟନାୟକ।

**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ସତ୍ୟ ରଞ୍ଜନ ସାହୁ, ଜ୍ୟୋତ୍ସ୍ନାସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।


(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| | |
|---|---|
| ଯୋଗାଯୋଗ କରନ୍ତୁ<br>ପ୍ରସାର ପରିଚାଳକ 'କଥାକଳିକା'<br>କୋଡ୍ ନଂ – (୦୬୭୪)<br>୨୫୪୧୪୪୮, ୨୫୪୫୦୪୬,<br>ଫାକ୍ସ : ୨୫୪୫୬୬୮<br>E-mail: kathakalika@gmail.com | ପୃଷ୍ଠା-୧୩୬ ଏ ସଂଖ୍ୟାର ମୂଲ୍ୟ ୮୦ ଟଙ୍କା ମାତ୍ର ।<br>'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।<br>କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ) |

# ଦ୍ୱିତୀୟ ପର୍ଯ୍ୟାୟରେ ୨୮୮ ବ୍ଲକର ୨୦୦୦ ଗ୍ରାମ ପଞ୍ଚାୟତରେ ଖୋଲିଲା ଆମ ବ୍ୟାଙ୍କ

**ଭୁବନେଶ୍ୱର, ୨୯/୨ ନ୍ୟୁଜ ବ୍ୟୁରୋ**

ଗୁରୁବାର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୮୮ ବ୍ଲକର ୨୦୦୦ ଗ୍ରାମ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ବ୍ୟାଙ୍କ'ର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶାର ୬,୭୯୮ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୪୩୭୩ଟି ପଞ୍ଚାୟତରେ ବ୍ୟାଙ୍କ ଶାଖା ନ ଥିଲା। ୨୦୨୩ ନଭେମ୍ବର ମାସରେ ପ୍ରଥମ ପର୍ଯ୍ୟାୟରେ ୭୫୦ ଟି 'ଆମ ବ୍ୟାଙ୍କ' ଖୋଲିଥିଲା। ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ପଞ୍ଚାୟତରେ 'ଆମ ବ୍ୟାଙ୍କ' ସୁବିଧା ମିଳିବ। ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବ୍ୟାଙ୍କ ଜନସେବାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି। ସମସ୍ତ ସରକାରୀ ସୁବିଧା ସିଧା ସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ସେଥିପାଇଁ ମୋ ରାଜ୍ୟର ସବୁ ହିତାଧିକାରୀ ସୁବିଧାରେ ଓ ଠିକ୍ ସମୟରେ ତାଙ୍କ ପ୍ରାପ୍ୟ ପାଆନ୍ତୁ। କେହି ଜଣେ ବି ହିତାଧିକାରୀ ସରକାରୀ ସହାୟତା ପାଇବାରେ ଯେପରି ହଇରାଣ ନ ହେବେ ତାକୁ ଦୃଷ୍ଟିରେ ରଖି ଏହି ବ୍ୟାଙ୍କ ଗୁଡିକ ଖୋଲାଗଲା। ଏ ଦିଗରେ ବ୍ୟାଙ୍କ ଗୁଡ଼ିକ ଭଲ ଭାବେ କାମ କରିବ। 'ଆମ ବ୍ୟାଙ୍କ' ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ସାରା ଦେଶରେ ଏକ ମଡେଲ। ବ୍ୟାଙ୍କ ଗୁଡିକ ହିତାଧିକାରୀଙ୍କୁ ୧୫ ପ୍ରକାର ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁମାନଙ୍କରେ ଡିଜିଟାଲ ଭିତ୍ତିଭୂମିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମସ୍ତଙ୍କ ଏକ ମୌଳିକ ଅଧିକାର। ଏକ କଲ୍ୟାଣକାରୀ ରାଜ୍ୟ



ଭାବରେ ସମସ୍ତ ନାଗରିକମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ସାମିଲ କରିବା ଆମର ମୁଖ୍ୟ ଦାୟିତ୍ୱ। ଓଡ଼ିଶା ଆଜି ଯେଉଁ ବ୍ୟାଙ୍କ ନଥିବା ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ଯୋଗାଇ ଦେଉଛି, ତାହା ଜାତୀୟ ସ୍ତରରେ ଉଦାହରଣ। ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ବୁଣାକାର ଓ କଳାକାରମାନଙ୍କ ପେନସନ ଓ ସହାୟତା ନିକଟରେ ବୃଦ୍ଧି କରାଯାଇଛି। ଏମାନଙ୍କ ସହିତ ମିଶନ ଶକ୍ତି ମା'ମାନେ ମଧ୍ୟ ଏହି ବ୍ୟାଙ୍କ ଜରିଆରେ ସୁବିଧା ପାଇବେ। 'ଆମ ବ୍ୟାଙ୍କ' ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଶାରୀରିକ ଅକ୍ଷମମାନଙ୍କୁ ସେମାନଙ୍କ ଘର ପାଖରେ ସେବା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶେଷରେ ରାଜ୍ୟ ସରକାରଙ୍କ ଏହି ବ୍ୟାଙ୍କ ଖୋଲିବାରେ ସହାୟତା କରିଥିବା ୬ଟି ପବ୍ଲିକ୍ ସେକ୍ଟର ବ୍ୟାଙ୍କକୁ ଧନ୍ୟବାଦ ଜଣାଇ ସମାଜର ସବୁଠାରୁ ତଳସ୍ତରରେ ରହୁଥିବା ଲୋକ ଯେମିତି ସୁବିଧାରେ ବ୍ୟାଙ୍କ ସେବା ପାଇବ ସେଥିପାଇଁ ସେମାନଙ୍କର ଉଦ୍ୟମ ଅବ୍ୟାହତ ରଖିବା ପାଇଁ ଅନୁରୋଧ କରିଥିଲେ। ଏକ ସଶକ୍ତ ଓଡ଼ିଶା ଗଠନ କରିବା ଦିଗରେ ଆମେ ସମସ୍ତେ ସମ୍ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡିଶାର ସମସ୍ତ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆସିଛି। ପୂର୍ବରୁ ରାଜ୍ୟରେ ବ୍ୟାଙ୍କ ଗୁଡିକ ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ବ୍ୟାଙ୍କିଂ ଏକ ଜରୁରୀ ସେବା ହୋଇଥିବାରୁ ରାଜ୍ୟର ସମସ୍ତ ଅଞ୍ଚଳର ନାଗରିକମାନଙ୍କୁ ଏହି ମୌଳିକ ସେବା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଆମ ବ୍ୟାଙ୍କ' ଯୋଜନା ପରିକଳ୍ପନା କରିଛନ୍ତି। ବାଲେଶ୍ୱର, ବଲାଙ୍ଗିର ଓ ଗଂଜାମ ଜିଲ୍ଲାର ୩ ଜଣ ହିତାଧିକାରୀ ଶୁଭଶ୍ରୀ ପଣ୍ଡା, ମମତା ମହାକୁଡ ଓ ବିକାଶ ସେଠୀ କାର୍ଯ୍ୟକ୍ରମରେ ସେମାନଙ୍କ ମତ ବିନିମୟ କରି କହିଥିଲେ ଯେ 'ଆମ ବ୍ୟାଙ୍କ' ଜରିଆରେ ଗ୍ରାମାଞ୍ଚଳର ଲୋକମାନେ ଘର ପାଖରେ ବିଭିନ୍ନ ସରକାରୀ ସୁବିଧା ସୁଯୋଗକୁ ଠିକ୍ ସମୟରେ ପାଉଛନ୍ତି। ଏଥିପାଇଁ ସେମାନଙ୍କୁ ଦୂରକୁ ଯିବାକୁ ପଡୁନି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ସେମାନେ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଶ୍ରୀମତୀ ଅନୁଗର୍ଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁଶୀଲ କୁମାର ଲୋହାନୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସି.ଜି.ଏମ୍ ଉପସ୍ଥିତ ଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଦେଇଥିଲେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କମିଶନରେଟ ପୋଲିସ ହାତରେ ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗ

**ଭୁବନେଶ୍ୱର, ୨୯/୨**
**ନ୍ୟୁଜ ବ୍ୟୁରୋ**

ପୋଲିସ ଜାଲରେ ଗଞ୍ଜାମ ଗ୍ୟାଙ୍ଗ। କମିଶନରେଟ ପୋଲିସ ହାତରେ ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗ । ଆନ୍ତଃରାଜ୍ୟ ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି କମିଶନରେଟ ପୋଲିସର ସ୍ୱେଶାଲ ସ୍କ୍ୱାଡ୍ । ଲୁଟେରା ଗ୍ୟାଙ୍ଗର ୯ ଜଣଙ୍କୁ ପୋଲିସ ଗିରଫ କରିଛି । ୪ଟି ଗାଡ଼ି ସହ ବ୍ୟାପକ ପରିମାଣର ଚୋରି ସୁନା, ରୂପା ଅଳଙ୍କାର ଜବତ ହୋଇଛି । ଲୁଟେରାମାନଙ୍କ ନିକଟରୁ କେଜିଏ ରୂପା ଅଳଙ୍କାର, ସୁନା, ୩ ଲକ୍ଷ ୨୦ ହାଜର ଟଙ୍କା ଜବତ କରାଯାଇଛି । ଏମାନେ ଭୁବନେଶ୍ୱରରୁ ଲୁଟ୍ କରୁଥିଲେ। ପରେ ଚୋରି ଟଙ୍କା ଧରି ଛତିଶଗଡ, ମୁମ୍ବାଇ ପଳାଉଥିଲେ । ସେଠାରେ ଅୟସ କରି ଚୋରି ଟଙ୍କା ଉଡାଉଥିଲେ । ଗାଡ଼କଣ ସ୍ପେସ ଟାଉନ ଆପାର୍ଟମେଣ୍ଟ ଲୁଟ୍ ସହ ଲକ୍ଷ୍ମୀସାଗର, ଇନଫୋସିଟି, ତମାଣ୍ଡୋ, ଏୟାରଫିଲଡ୍, ଭରତପୁର ଥାନାରେ ଏମାନଙ୍କ ନାଁରେ କେସ୍ ଥିବା ଜାଣିବାକୁ ପାଇଛି ପୋଲିସ ।

## ବସ୍ତି ଅଞ୍ଚଳ ବୁଲି ଦେଖିଲେ ବିଲ୍ ଗେଟ୍ସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଲ ଗେଟ୍ସ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେ ମା' ମଙ୍ଗଳା ବସ୍ତି ଗସ୍ତ କରି ସେଠାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି।